ସାପ୍ତାହିକ
Postal Regd. No.: SBP/14/2019-2021
ସ୍ୱୀକାର
The Sweekar ସ୍ୱୀକାର
www.sweekarweekly.com
ପ୍ରତିଷ୍ଠାତା ସମ୍ପାଦକ : ସ୍ୱ ଶରତ ନାରାୟଣ ବେହେରା
RNI No. 66443/94
Vol.25 | Issue - 32 | 5 - 11 September 2021 | Sambalpur | Page-12 | Invitation Price Rs.10

# ସାମ୍ବାଦିକ ପ୍ରତିବଦ୍ଧତା ରହିଲେ ସୁସମାଜ ପ୍ରତିଷ୍ଠା ହେବ: ସ୍ୱାସ୍ଥ୍ୟମନ୍ତ୍ରୀ





















ସମ୍ବଲପୁର : ସାମାଜିକ ଜଟିଳ ପରିସ୍ଥିତିରେ ସାମ୍ବାଦିକ ପ୍ରତିବଦ୍ଧତା ରହିଲେ ଏକ ସୁସମାଜ ପ୍ରତିଷ୍ଠା ହୋଇ ପାରିବ ବୋଲି ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବ କିଶୋର ଦାସ କହିଛନ୍ତି ।

ଓଡିଶା ସାମ୍ବାଦିକ ୟୁନିଅନ (ଓୟୁଜେ)ର ସୁବର୍ଣ୍ଣ ଜୟନ୍ତୀ ସମାରୋହ ଉତ୍ସବରେ ମୁଖ୍ୟ ଅତିଥି ରୂପେ ଯୋଗ

## ଓୟୁଜେର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ

ଦେଇ ଶ୍ରୀ ଦାସ ସମ୍ବାଦିକଙ୍କ ଦାବିକୁ ସମର୍ଥନ ଜଣାଇ ପେନସନ ଓ ବୀମା ଅର୍ଥ ଦୁଇ ଲକ୍ଷରୁ ପାଞ୍ଚ ଲକ୍ଷକୁ ବୃଦ୍ଧି କରିବା ଦାବିକୁ ମୁଖ୍ୟମନ୍ତ୍ରୀଙ୍କ ଠାରେ ଦୃଷ୍ଟି ଆକର୍ଷଣ କରିବେ ବୋଲି କହିଥିଲେ । କୁଚିଣ୍ଡା ବିଧାୟକ କିଶୋର ଚନ୍ଦ୍ର ନାଏକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ପ୍ରସଙ୍ଗକୁ ସମର୍ଥନ ଜଣାଇ ବିଧାନସଭାରେ ଉପସ୍ଥାପନ କରିବେ ବୋଲି କହିଥିଲେ ।

ଓୟୁଜେ ରାଜ୍ୟ ସଭାପତି ପ୍ରସନ୍ନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ବରିଷ୍ଠ ସାମ୍ବାଦିକ ଅର୍ଜୁନ ରଂଜନ ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଜିଲ୍ଲା ୟୁନିୟନର ସ୍ୱତନ୍ତ୍ର ପରିଚୟ ରଖିବା ସହ ସଂଗଠନର ୫୦ବର୍ଷ ସଂକ୍ରାନ୍ତ ଉପରେ ଅଲୋକପାତ କରିଥିଲେ । ରାଜ୍ୟ ସାଧାରଣ ସମ୍ପାଦକ ଅଶୋକ ନନ୍ଦ ସଂଗଠନ ସମ୍ବନ୍ଧରେ ଆଲୋକପାତ କରିଥିଲେ । ଏଥିରେ ସାମ୍ବାଦିକ ସ୍ୱର୍ଗତ ନୃସିଂହ ଗୁରୁଙ୍କ ଜୟନ୍ତୀ ରାଜ୍ୟ ସରକାର ପାଳନ କରିବାକୁ ଦାବି କରାଯାଇ ଏକ ପ୍ରସ୍ତାବ ଗୃହୀତ ହୋଇଥିଲା । ଏହି ଅବସରରେ ସାମ୍ବାଦିକତା କ୍ଷେତ୍ରରେ ଉଲେଖନୀୟ କାର୍ଯ୍ୟ ଓ ସାମାଜିକ କାମ ସକାଶେ ସ୍ୱର୍ଗତ ଭାଗବତ ପ୍ରସାଦ ନନ୍ଦ, ସ୍ୱର୍ଗତ ତାରାକାନ୍ତ ଗୁରୁ ଏବଂ ବର୍ଷିୟାନ ସାମ୍ବାଦିକ ଅର୍ଜୁନ ପଣ୍ଡା, ଦେବଦତ୍ତ ପଣ୍ଡା, ଜଗତ ପ୍ରସାଦ ଦାସ, ମନୋରଂଜନ ପଟ୍ଟନାୟକ, ଅରୁଣ ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସଭାକୁ ସମ୍ବଲପୁର ଜିଲ୍ଲା ସାମ୍ବାଦିକ ୟୁନିୟନ ସଭାପତି ପ୍ରଭାତ ବେହେରା ସଂଯୋଜନା କରିଥିଲେ । ରାଜ୍ୟର ବିଭିନ୍ନ ଜିଲ୍ଲାରୁ ସାମ୍ବାଦିକମାନେ ଏଥିରେ ଯୋଗ ଦେଇଥିଲେ । ଜିଲ୍ଲା ସମ୍ପାଦକ ପ୍ରଦୀପ ମିଶ୍ର ସ୍ୱାଗତ ଭାଷଣ ଓ ସାଧାରଣ ସମ୍ପାଦକ ରାଜେଶ ବିଭାର ଧନ୍ୟବାଦ ଦେଇଥିଲେ । ପୂର୍ବରୁ ସକାଳେ ଓୟୁଜେର କର୍ମକର୍ତ୍ତା ବୃନ୍ଦ ମନ୍ଦଲିଆ ସ୍ଥିତ ନୃସିଂହ ଗୁରୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ ।

# ସମ୍ବଲପୁରରେ ନୂଆଁଖାଇ ଲଗ୍ନ ଧାର୍ଯ୍ୟ



ସମ୍ବଲପୁର: ଆସନ୍ତା ସେପ୍ଟେମ୍ବର ୧୧ ତାରିଖ ଭାଦ୍ରବ ଶୁକ୍ଳ ପକ୍ଷ ପଞ୍ଚମୀ ସକାଳ ୧୦.୧୫ ମି ରୁ ୧୦.୨୫ ମି ମଧ୍ୟେ ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀଙ୍କ ଠାରେ ନବାନ୍ନ ଲାଗି ହେବ । ମା' ସମଲେଶ୍ୱରୀଙ୍କ ଠାରେ ନବାନ୍ନ ଲାଗି ସକାଶେ ନୂଆଁଖାଇ ଲଗ୍ନ ନନ୍ଦୋତ୍ସବ ଅବସରରେ ଶ୍ରୀ ଶ୍ରୀ ବ୍ରହ୍ମପୁରା ମନ୍ଦିର ପ୍ରାଙ୍ଗଣରେ ନିରୂପଣ କରାଯାଇଛି । ସବୁବର୍ଷ ଭଳି ବ୍ରହ୍ମପୁରା ମନ୍ଦିର କମିଟିର ଆହ୍ୱାନକ୍ରମେ ପଣ୍ଡିତ ମହାସଭା ଲଗ୍ନ ନିର୍ଦ୍ଧାରଣ କରିଥିଲେ । ଲଗ୍ନ ନିର୍ଦ୍ଧାରଣ ପରେ ବିଧି ଅନୁଯାୟୀ ମନ୍ଦିର ପୂଜକ ସନ୍ତୋଷ ପଣ୍ଡା ଓ ସଦସ୍ୟମାନେ ମା' ସମଲେଶ୍ୱରୀ ପୀଠକୁ ଯାଇ ଲଗ୍ନପତ୍ର ମା'ଙ୍କ ଠାରେ ଅର୍ପଣ କରିଥିଲେ ।

ବୈଠକରେ ପଣ୍ଡିତ ମହେଶ୍ୱର ନାୟକ, ପଣ୍ଡିତ ଲକ୍ଷ୍ମଣ ବେହେରା, ପଣ୍ଡିତ ଅମରନାଥ ମିଶ୍ର, ପଣ୍ଡିତ ସଚ୍ଚିଦାନନ୍ଦ ମିଶ୍ର, ପଣ୍ଡିତ ଶଶାଙ୍କ ଶେଖର ମିଶ୍ର, ପଣ୍ଡିତ ଚନ୍ଦ୍ରକାନ୍ତ ପାଣିଗ୍ରାହୀ ପ୍ରମୁଖ ପଣ୍ଡିତ ଯୋଗ ଦେଇଥିଲେ ।

ଏ ସଂଖ୍ୟାରେ..



ରୋଗପ୍ରତିରୋଧକ ଶକ୍ତି ବଢ଼ାଏ ବରକୋଳି



ଆର୍ଥ୍ରାଇଟ୍ସ ପାଇଁ ଆଳୁ



ଦେହକୁ ହିତ କାକୁଡି



ଔଷଧୀୟ ସଜନା ଶାଗ



ଧନିଆର ଉପକାରିତା

# ଦୁଇ ଦଶନ୍ଧିରେ ଓଡ଼ିଶାରେ ସବୁଠୁ କମ୍ ବର୍ଷା

ସମ୍ବଲପୁର : ୧୯୯୮ ପରେ କେବେ ବି ଏମିତି ବର୍ଷା ସଙ୍କଟ ସ୍ଥିତି ଆସି ନ ଥିଲା । ଦୀର୍ଘ ୨୩ ବର୍ଷ ବ୍ୟବଧାନରେ ଓଡ଼ିଶାରେ ବର୍ଷା ଅଭାବ ସ୍ଥିତି ଅତି ସଙ୍ଗୀନ ରୂପ ନେଇଛି । ସେତିକି ନୁହେଁ ୧୨୦ ବର୍ଷ ଭିତରେ ମାତ୍ର ୬ ଥର ଏଭଳି ଅଭାବୀ ମୌସୁମୀ ଦେଖିବାକୁ ମିଳିଛି ରାଜ୍ୟରେ । ଏ ବର୍ଷ ରାଜ୍ୟର ୨୧୩ ଟି ବ୍ଲକରେ ବର୍ଷା ଅଭାବ ସ୍ଥିତି ଉପୁଜିଛି । ଏଥିଯୋଗୁଁ ମରୁଡ଼ି ଆଶଙ୍କା ଘାରିଲାଣି ।

ଚଳିତ ଖରିଫ ଋତୁରେ ୧୪ଟି ଜିଲ୍ଲାର ୩୦ଟି ବ୍ଲକରେ ଧାନ ଚାଷ କାର୍ଯ୍ୟ ହାରାହାରି ୯୯,୫୧୮ ହେକ୍ଟର ଜମିରେ ବାଧାପ୍ରାପ୍ତ ହୋଇଛି । ଚଳିତ ଖରିଫ ଋତୁରେ ରାଜ୍ୟର ୩୫ ଲକ୍ଷ ହେକ୍ଟର ଜମିରେ ଧାନ ଚାଷ କରାଯିବାର ଥିଲା । ଜୁନ ପହିଲାରୁ ଅଗଷ୍ଟ ଶେଷ ସୁଦ୍ଧା ରାଜ୍ୟରେ ହେବା କଥା ୯୩୫.୮ ମିଲିମିଟର ବର୍ଷା । ହୋଇଛି ମାତ୍ର ୬୬୧.୧ ମି.ମି ବୃଷ୍ଟିପାତ । ଏହା ସ୍ୱାଭାବିକ ଠାରୁ ୨୯.୩% କମ୍ । ଏହା ପୂର୍ବରୁ ୧୯୯୮ ମସିହାରେ ଜୁନ୍ ପହିଲାରୁ ଅଗଷ୍ଟ ଶେଷ ସୁଦ୍ଧା ରାଜ୍ୟରେ ୬୫୭.୫ ମି.ମି ବର୍ଷା ହୋଇଥିଲା । ଗତ ୧୨୦ ବର୍ଷ ଭିତରେ ଜୁନ୍ ପହିଲାରୁ ଅଗଷ୍ଟ ୩୧ ସୁଦ୍ଧା ରାଜ୍ୟରେ ବର୍ଷା ପରିମାଣ ୫ ଥର ସ୍ୱାଭାବିକ ଠାରୁ ୨୯% ରୁ ଅଧିକ ନିଅଣ୍ଟିଆ ଥିଲା । ଏବର୍ଷକୁ ମିଶାଇଲେ ୬ଥର ହେଲା ।

ସୂଚନାଯୋଗ୍ୟ, ଜୁନ୍ ପହିଲାରୁ ଅଗଷ୍ଟ ୩୧ ସୁଦ୍ଧା ୧୯୨୪ ରେ ୬୩୬.୨ ମି.ମି ବର୍ଷା ହୋଇଥିବା ବେଳେ ୧୯୫୪ ରେ ୬୪୬.୮ ମି.ମି, ୧୯୭୪ ରେ ୬୫୮.୭ ମି.ମି, ୧୯୭୮ ରେ ୬୪୧.୪ ମି.ମି ବର୍ଷା ହୋଇଥିଲା ।

ଚଳିତ ବର୍ଷ ବର୍ଷା ଏତେ କମ୍ ରହିଛି ଯେ ଅଗଷ୍ଟ ମାସରେ ରାଜ୍ୟରେ ୪୪% ବର୍ଷା ନିଅଣ୍ଟିଆ ରହିଛି । ରାଜ୍ୟରେ ୩୬୬.୪ ମି.ମି ବର୍ଷା ହେବା କଥା, ହୋଇଛି ୨୦୪.୯ ମି.ମି । ୨୩ ବର୍ଷ ଭିତରେ ଅଗଷ୍ଟ ମାସରେ ଓଡ଼ିଶାରେ କେବେ ଏପରି ବର୍ଷା ଅଭାବ ନ ଥିଲା । ଖାଲି ସେତିକି ନୁହେଁ, ୧୨୦ ବର୍ଷ ଭିତରେ ଅଗଷ୍ଟରେ ଏହା ଚତୁର୍ଥ ସ୍ୱଳ୍ପ ବୃଷ୍ଟିପାତ ରେକର୍ଡ । ୧୯୬୫ ଅଗଷ୍ଟରେ ୧୮୭.୩ ମିମି ବର୍ଷା ହୋଇଥିବା ବେଳେ ୧୯୮୭ ରେ ୧୯୦.୩ ମି.ମି ଓ ୧୯୯୮ ରେ ୨୦୩.୫ ମି.ମି ବର୍ଷା ହୋଇଥିଲା ।

ସ୍ୱଳ୍ପ ବର୍ଷା ଯୋଗୁଁ ଏ ବର୍ଷ ରାଜ୍ୟରେ ମରୁଡ଼ି ଆଶଙ୍କା ଦେଖା ଦେଇଛି । ଜୁନ୍ ପହିଲାରୁ ଅଗଷ୍ଟ ୩୧ ସୁଦ୍ଧା ଯେତିକି ବର୍ଷା ହୋଇଛି, ସେଥିରେ ୨୪ ଜିଲ୍ଲାରେ ବର୍ଷା ଅଭାବ ରହିଛି । ୪ ଜିଲ୍ଲାର ସ୍ଥିତି ଅତି ସଙ୍ଗୀନ । ଯାଜପୁରରେ ସ୍ୱାଭାବିକ ଠାରୁ ୫୪% ବର୍ଷା ନିଅଣ୍ଟି ଥିବାବେଳେ ଭଦ୍ରକରେ ୪୮%, ବଲାଙ୍ଗୀରରେ ୫୪%, ଅନୁଗୁଳରେ ୩୦% କମ୍ ବର୍ଷିଛି ମୌସୁମୀ ।

ଅଗଷ୍ଟ ମାସରେ ବର୍ଷା ଅଭାବରୁ ଚାଷ ସ୍ଥିତି ଆହୁରି ବିଗିଡ଼ିଛି । ଅଗଷ୍ଟରେ କେବଳ ୪ ଟି ଜିଲ୍ଲାରେ ସ୍ୱାଭାବିକ ବର୍ଷା ତାଲିକାରେ ଅଛି । ୧୮ ଟି ଜିଲ୍ଲାରେ ବର୍ଷା ଅଭାବ ଥିବାବେଳେ ୮ଟି ଜିଲ୍ଲାରେ ସ୍ଥିତି ପୁରା ସଙ୍କଟାପନ୍ନ । ଅଗଷ୍ଟରେ ବୌଦ୍ଧରେ ୭୫% ବର୍ଷା ନିଅଣ୍ଟ ଥିବାବେଳେ ସମ୍ବଲପୁରରେ ୬୮%, ସୋନପୁରରେ ୬୮%, ଅନୁଗୁଳରେ ୬୩%, ବଲାଙ୍ଗୀରରେ ୬୩%, କନ୍ଧମାଳରେ ୬୨%, ବରଗଡ଼ରେ ୬୧% ଓ ଯାଜପୁରରେ ୬୧% କମ୍ ବର୍ଷା ହୋଇଛି ।

ଆଞ୍ଚଳିକ ପାଣିପାଗ ବିଭାଗ କେନ୍ଦ୍ର ରିପୋର୍ଟ ଅନୁଯାୟୀ । ଏ ବର୍ଷ ଅଗଷ୍ଟରେ ମାତ୍ର ୨ଟି ଲଘୁଚାପ ହେଲା । ଗୋଟିଏ ବି ଲଘୁଚାପ ଘନୀଭୂତ ହୋଇ ଅବପାତ ରୂପ ନେଲା ନାହିଁ । ମୌସୁମୀ ଟ୍ରଫ ମଧ ସ୍ୱାଭାବିକ ରହିଲା ନାହିଁ । ତେବେ ସେପ୍ଟେମ୍ବରରେ ରାଜ୍ୟରେ ସ୍ୱାଭାବିକ ବର୍ଷା ସହ ଉତ୍ତର ଓଡ଼ିଶାରେ ଭଲ ବର୍ଷା ଆଶା ରହିଛି ବୋଲି ପାଣିପାଗ ବିଭାଗ କହିଛି ।

## ୧୫ ନିୟୁତ ଟନ୍ ସାଇଲୋର ଶିଳାନ୍ୟାସ

ଝାରସୁଗୁଡ଼ା : ମହାନଦୀ କୋଇଲା ଖଣି ଅନ୍ତର୍ଗତ ଲଖନପୁର ଖଣି କ୍ଷେତ୍ରକୁ କୋଲ ଇଣ୍ଡିଆ ଚେୟାରମେନ ପ୍ରମୋଦ ଅଗ୍ରୱାଲ ପରିଦର୍ଶନରେ ଆସି ୨୮୫.୦୫ କୋଟିର ପ୍ରକଳ୍ପ ୧୫ ନିୟୁତ ଟନ୍ କ୍ଷମତା ବିଶିଷ୍ଟ ଏଫଏମସି ଲଜକୁରା ସାଇଲୋ ପରିଯୋଜନାର ଶିଳାନ୍ୟାସ କରିଥିଲେ । ସେହିପରି ଆରପିଏସର ଉଦଘାଟନ କରିବା ସହ ଏମ୍‌ସିଏଲ ମୁଖ୍ୟାଳୟ ଦ୍ୱାରା ପ୍ରସ୍ତୁତ ଓ ଡିଜାଇନ କରାଯାଇଥିବା ବିହଙ୍ଗମ ପୋର୍ଟଲର ଉଦଘାଟନ କରିଥିଲେ । ଏହା ସହ ସମଲେଶ୍ୱରୀ ଖଣିକ୍ଷେତ୍ର ପରିଦର୍ଶନ କରି ଖଣି କାର୍ଯ୍ୟ ସମୀକ୍ଷା କରିଥିଲେ । ଲଖନପୁର ଖଣି କ୍ଷେତ୍ରରେ ପହଞ୍ଚି ପ୍ରଥମେ ଲଖନପୁର ଖୋଲାମୁହଁ ଖଣିର ବିଭିନ୍ନ ସ୍ଥାନ ପରିଦର୍ଶନ କରିବା ସହ କ୍ୱାରୀ ନଂ-୫ର ଭିୟୁ ପଏଣ୍ଟରେ କୋଇଲା ଉତ୍ପାଦନ ସମ୍ପର୍କିତ ବିଭିନ୍ନ ଦିଗ ଉପରେ ସମୀକ୍ଷା କରି ସ୍ଥାନୀୟ ଖଣି କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ । ନିଷ୍ପାପର ଏବଂ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ କେତେକ ଶ୍ରମିକଙ୍କୁ ପୁରସ୍କୃତ କରିଥିଲେ । ପରେ ସେଠାରୁ ଛର୍ଲା ସାଇଡିଂରେ ନିର୍ମାଣାଧୀନ କୋଲ ୱାସେରି ପରିଦର୍ଶନ କରିବା ସହ ବେଲପାହାଡ଼ ଖୋଲାମୁହଁ ଖଣିକୁ ଯାଇ ସେଠାକାର କୋଇଲା ଉତ୍ପାଦନର ବିଭିନ୍ନ ଦିଗକୁ ନେଇ ସମୀକ୍ଷା କରିଥିଲେ । ଏଠାରେ ମଧ ନିଷ୍ପାପର ଏବଂ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ କେତେକ ଶ୍ରମିକଙ୍କୁ ପୁରସ୍କୃତ କରିଥିଲେ । ସେଠାରୁ ଚେୟାରମେନ ଶ୍ରୀ ଅଗ୍ରୱାଲ ଇବ ଭେଲି ଅନ୍ତର୍ଗତ ଲଜକୁରା ଖଣି ଅଞ୍ଚଳ ଗସ୍ତ କରି ବନ୍ଧବାହାଲ ତ୍ରିବେଣୀ କ୍ଲବକୁ ଫେରିବା ପରେ ସ୍ଥାନୀୟ ବିସ୍ଥାପିତ ଗାଁର ପ୍ରତିନିଧିଙ୍କ ନିକଟରୁ ବିସ୍ଥାପିତ ସମ୍ପର୍କିତ ସମସ୍ୟା ସମ୍ବଳିତ ଦାବିପତ୍ର ଗ୍ରହଣ କରିଥିଲେ ।

କୋଲ ଇଣ୍ଡିଆ ଚେୟାରମେନଙ୍କ ଗସ୍ତ ସମୟରେ ସିଏମଡି ପି.କେ. ସିହ୍ନା, ଡାଇରେକ୍ଟର ଟେକ୍ନିକାଲ ଅପରେସନ ଓ.ପି. ସିଂହ, ଡାଇରେକ୍ଟର ଫାଇନାନ୍ସ ଆର.କେ. ବାସୁଦେବନ, ଡାଇରେକ୍ଟର ପରସନାଲ କେଶବ ରାଓ, ଡାଇରେକ୍ଟର ଟେକ୍ନିକାଲ ପ୍ରୋଜେକ୍ଟ ଆଣ୍ଡ ପ୍ଲାନିଂ ବବନ ସିଂହଙ୍କ ସମେତ ସ୍ଥାନୀୟ ଜିଏମ ଅନୀଲ କୁମାର ସିଂହ ଓ ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ ।

## ବୀରମହାରାଜପୁର ବ୍ଲକ ସଂକୀର୍ତ୍ତନ ପରିଷଦର ବୈଠକ

ବୀରମହାରାଜପୁର : ସ୍ଥାନୀୟ ଜଗନ୍ନାଥ ମନ୍ଦିରରେ ପରିସରରେ ପଶ୍ଚିମ ଓଡ଼ିଶା ସଂକୀର୍ତ୍ତନ ପରିଷଦ ବୀରମହାରାଜପୁର ବ୍ଲକ କଳାକାରଙ୍କ ଏକ ବୈଠକ ଅନୁଷ୍ଠିତ ହୋଇ ଯାଇଛି । ପରିଷଦର ସଭାପତି ମଧୁସୂଦନ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଦୁଇ କୀର୍ତ୍ତନ କଳାକାର ଦୋଳଗୋବିନ୍ଦ ମାଝୀ ଓ ଉତ୍ତର ମଲ୍ଲିକଙ୍କ ଅକାଳ ବିୟୋଗରେ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା । ରାଜ୍ୟ ସରକାର ଅପେରା, ସିନେମାହଲ ଆଦି ଚଳାଇବା ପାଇଁ ଅନୁମତି ପ୍ରଦାନ କରିଛନ୍ତି । କିନ୍ତୁ କୀର୍ତ୍ତନ ପରିବେଷଣ କରିବାକୁ ଅନୁମତି ପ୍ରଦାନ କରି ନାହାନ୍ତି । ଫଳରେ ହଜାର ହଜାର କଳାକାର ଏବେ ହାତ ବାନ୍ଧି ବସିଛନ୍ତି । ତେଣୁ କୀର୍ତ୍ତନ କଳାକାରଙ୍କୁ ମଧ ଅନୁମତି ପ୍ରଦାନ କରିବାକୁ ବୈଠକରେ ଦାବି କରାଯାଇଥିଲା । ସେହିପରି ସମସ୍ତ କଳାକାର କେମିତି କଳାକାର ଭତ୍ତା ପାଇ ପାରିବେ ସେନେଇ ଆଲୋଚନା ହୋଇଥିଲା । ବୈଠକରେ ମୋଟ୍ ୫ଟି ପ୍ରସ୍ତାବ ଗ୍ରହଣ କରାଯାଇଥିଲା । ସେହିପରି ଦୁଇ ମୃତ କଳାକାରଙ୍କୁ ପରିଷଦ ପକ୍ଷରୁ ସହାୟତା ପ୍ରଦାନ କରାଯାଇଥିଲା । ସମ୍ପାଦକ ସୁରେନ୍ଦ୍ର ପୁରୋହିତ ଅତିଥି ପରିଚୟ, ସ୍ୱାଗତ ଭାଷଣ ଓ ବିବରଣୀ ପାଠ କରିଥିଲେ । ସୁବର୍ଣ୍ଣପୁର ଜିଲ୍ଲା ପ୍ରଭାରୀ ଯୁଗଳ କିଶୋର ମିଶ୍ର ସଭା ପରିଚାଳନା ଓ ଗୋପାଳ ରାଉତ ଧନ୍ୟବାଦ ଦେଇଥିଲେ । ପରିଷଦର କାର୍ଯ୍ୟକର୍ତ୍ତା ସିଦ୍ଧେଶ୍ୱର ମେହେର, ଗଣେଶ ବାଘ, ଲକ୍ଷ୍ମଣ ପ୍ରଧାନ, ପବିତ୍ର ପଧାନ, କୌସିକ ମେହେର, ହୃଷୀକେଶ ମହାକୁଡ଼, ରଞ୍ଜନ କର୍ଣ୍ଣ, ଠାକୁର ବେହେରା, ଅକ୍ରୁର ପ୍ରଧାନ, ଲୋକନାଥ ଷାଣ୍ଢ, ରାଧାକାନ୍ତ ଅମାତ, ଘାସିରାମ ମହାକୁଡ଼, ପ୍ରାଣବନ୍ଧୁ ଚୌଧୁରୀ, ଗୌତମ ଦେହୁରୀ ବଳରାମ ଶର୍ମା ଓ ମିତ୍ରଭାନୁ ପ୍ରଧାନଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ ।

## ସଂସ୍କୃତ ଶିକ୍ଷକ ରଘୁବୀର ପାଣିଗ୍ରାହୀଙ୍କ ପରଲୋକ

ସମ୍ବଲପୁର : ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ ରଘୁବୀର ପାଣିଗ୍ରାହୀ (୬୯)ଙ୍କର ପରଲୋକ ହୋଇଯାଇଛି । ରଘୁବୀର ରେଙ୍ଗାଲି ହାଇସ୍କୁଲ, ସମ୍ବଲପୁର ଲେଡି ଲୁଇସ ବାଳିକା ଉଚ୍ଚ ବିଦ୍ୟାଳୟ ଓ ଜିଲ୍ଲା ସ୍କୁଲରେ ସଂସ୍କୃତ ଶିକ୍ଷକ ଭାବେ ଅନେକ ବର୍ଷ ଶିକ୍ଷକତା କରିଥିଲେ । ପାଟଣାଗଡ଼ ସିଟି ସ୍କୁଲରୁ ସେ ତାଙ୍କ ଶିକ୍ଷକତା ଜୀବନ ଆରମ୍ଭ କରିଥିଲେ ।

## ଦର୍ଲିପାଲି ଏନଟିପିସିରୁ ବ୍ୟବସାୟିକ ଉତ୍ପାଦନ ଆରମ୍ଭ

ସୁନ୍ଦରଗଡ଼ : ଦର୍ଲିପାଲି ଏନଟିପିସି ସୁପରଥର୍ମାଲ ପାୱାର ଦ୍ୱିତୀୟ ୟୁନିଟ୍ କାର୍ଯ୍ୟାରମ୍ଭ କରିଛି । ଗତ ଜୁଲାଇ ୨୧ ତାରିଖରେ ୮୦୦ ମେଗାୱାଟ ବିଶିଷ୍ଟ ଏହି ଦ୍ୱିତୀୟ ୟୁନିଟର ପରୀକ୍ଷାମୂଳକ ଉତ୍ପାଦନ ଶେଷ ହୋଇଥିଲା । ଏହାକୁ ବ୍ୟବସାୟିକ ଉଦ୍ଦେଶ୍ୟରେ ଲୋକାର୍ପଣ କରାଯାଇଛି । ଉକ୍ତ ଉତ୍ପାଦନ ପରେ ଦର୍ଲିପାଲି ତାପଜ ପ୍ରକଳ୍ପର ମୋଟ କ୍ଷମତା ୧୬୦୦ ମେଗାୱାଟ ହୋଇଛି । ସେହିପରି ଏନଟିପିସି ଗ୍ରୁପର ସମୁଦାୟ ବାଣିଜ୍ୟିକ କ୍ଷମତା ୬୬୬୫୦ ମେଗାୱାଟ ହୋଇ ପାରିଛି । ଦର୍ଲିପାଲି ତାପଜ ପ୍ରକଳ୍ପରୁ ଉତ୍ପାଦିତ ବିଦ୍ୟୁତରୁ ୫୦% ଓଡ଼ିଶାକୁ ଦିଆଯାଉଛି । ବଳକା ୫୦% ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ ସମେତ ବିହାର ଓ ସିକିମକୁ ବିକ୍ରି କରାଯାଉଛି । କେନ୍ଦ୍ରୀୟ ବିଦ୍ୟୁତ ନିୟାମକ ଆୟୋଗ ସହ ହୋଇଥିବା ବିଦ୍ୟୁତ କ୍ରୟ ଚୁକ୍ତି ଅନୁଯାୟୀ ଦର୍ଲିପାଲି ପ୍ରକଳ୍ପରୁ ବିଦ୍ୟୁତ୍ ୟୁନିଟ୍ ପ୍ରତି ୨ ଟଙ୍କା ୯୦ ପଇସା ଧାର୍ଯ୍ୟ କରାଯାଇଛି । ଏବେ ବିଦ୍ୟୁତ ୟୁନିଟ୍ ପ୍ରତି ନିର୍ଦ୍ଧାରିତ ମୂଲ୍ୟ ୧ ଟଙ୍କା ୯୦ ପଇସା ରହିଥିବା ବେଳେ ପରିବର୍ତ୍ତନଶୀଳ ମୂଲ୍ୟର ୟୁନିଟ୍ ପିଛା ଏକ ଟଙ୍କା ଧାର୍ଯ୍ୟ କରାଯାଇଛି । ଦର୍ଲିପାଲି ସୁପରକ୍ରିଟିକାଲ ଥର୍ମାଲ ପାୱାର ପ୍ଲାଣ୍ଟରେ ଏନଟିପିସି ପ୍ରାୟ ୧୩,୭୦୦ କୋଟି ଟଙ୍କାର ଖର୍ଚ୍ଚ କରି ସାରିଲାଣି । ଆସନ୍ତା ୨୦୨୨ ସୁଦ୍ଧା କାର୍ଯ୍ୟ ଶେଷ ହେବାର ଲକ୍ଷ୍ୟ ରଖାଯାଇଛି । ଜମି ଅଧିଗ୍ରହଣ ଏବଂ ଅନ୍ୟ କେତେକ ସମସ୍ୟା ଯୋଗୁଁ ଏହା ବିଳମ୍ବିତ ହୋଇଛି । ଏହି ଅବସରରେ ବୈଠକରେ ଏନଟିପିସି ନିର୍ଦ୍ଦେଶକ ରମେଶ ବାବୁ ଭି ଏବଂ ନିର୍ଦ୍ଦେଶକ ୟୁ.କେ. ଭଟ୍ଟାଚାର୍ଯ୍ୟ, ଦର୍ଲିପାଲି ପ୍ରକଳ୍ପ ନିର୍ମାଣ ଏବଂ କାର୍ଯ୍ୟକ୍ଷମତା ପାଇଁ ଅଭିନନ୍ଦନ ଜଣାଇଛନ୍ତି । ଦର୍ଲିପାଲି ପ୍ରକଳ୍ପର ମୁଖ୍ୟ ମହାପ୍ରବନ୍ଧକ ଏ ସମାୟାର ଏହି ସଫଳତା ପାଇଁ ପ୍ରକଳ୍ପର ସମସ୍ତ କର୍ମଚାରୀ, ଅଧିକାରୀ, ସହଯୋଗୀ ସଂସ୍ଥା ତଥା ଅଞ୍ଚଳବାସୀଙ୍କୁ କୃତଜ୍ଞତା ଜଣାଇଛନ୍ତି ।

## ଶବ୍ଦ ସାହିତ୍ୟ ସଂସଦ ପକ୍ଷରୁ ଗଙ୍ଗାଧର ଜୟନ୍ତୀ

ବୁର୍ଲା : ସ୍ଥାନୀୟ ଶବ୍ଦ ସାହିତ୍ୟ ସଂସଦ ଆନୁକୂଲ୍ୟରେ ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ଏବଂ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ସଂସଦର ପ୍ରତିଷ୍ଠାତା ସମ୍ପାଦକ ଶାନ୍ତନୁ ସୁନାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସାହିତ୍ୟିକ ଅଧାପକ ଡକ୍ଟର ଭଗବାନ ପଟେଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସ୍ୱଭାବକବି ଗଙ୍ଗାଧରଙ୍କ ସାହିତ୍ୟରେ ଜୀବନବୋଧ ଉପରେ ଆଲୋଚନା କରିଥିଲେ । ସଭାପତି ଡକ୍ଟର ଫକିର ଚରଣ ରଣା ଉଦଘାଟନୀ ବକ୍ତବ୍ୟରେ କବି ଗଙ୍ଗାଧରଙ୍କ ସାହିତ୍ୟର କାବ୍ୟିକ ବୈଶିଷ୍ଟ୍ୟ ସମ୍ପର୍କରେ ଆଲୋଚନା କରିଥିଲେ । ଏଥିରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ବହୁ ସାହିତ୍ୟିକ ଯୋଗଦେଇ ସ୍ୱଭାବ କବିଙ୍କ ସ୍ମୃତିଚାରଣ କରିଥିଲେ । କବି ଡାକ୍ତର ରାମଚରଣ ପ୍ରଧାନ ଏବଂ ନାଟ୍ୟକାର ନିରଞ୍ଜନ ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ ।

## ଭିମ୍‌ସାରରେ ଖୋଲିବ ନୂତନ ୫ ବିଭାଗ

ବୁର୍ଲା : ଭିମସାରରେ ନୂତନ ୫ଟି ବିଭାଗ ଖୋଲିବାକୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଆସିଛି । ପୂର୍ବରୁ ଏଠାରେ ୫ଟି ସୁପର ସ୍ପେଶିଆଲିଟି ବିଭାଗ ରହିଥିବା ବେଳେ ଏବେ ଆହୁରି ୫ଟି ବିଭାଗ ଖୋଲାଯିବ । ପୂର୍ବରୁ ନେଫ୍ରୋଲୋଜି, ୟୁରୋଲୋଜି, ନ୍ୟୁରୋଲୋଜି, ନ୍ୟୁରୋସର୍ଜରୀ ଓ ହୃଦରୋଗର ସୁପର ସ୍ପେଶିଆଲିଟି ବିଭାଗ ଥିବା ବେଳେ ଏବେ ହେମୋଟୋଲୋଜି, ପ୍ଲାଷ୍ଟିକ ସର୍ଜରୀ ଏବଂ ପେଡିଆଟ୍ରିକ ସର୍ଜରୀର ସୁପର ସ୍ପେଶିଆଲିଟି ବିଭାଗ ଖୋଲିବ । ଏଥିପାଇଁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଅତିରିକ୍ତ ସଚିବ ଚିଠି ଦେଇଛନ୍ତି ।

# ଭାଗବତ

## ଉଦ୍ଧବାଗମନ ପ୍ରସଙ୍ଗ

ସେଦିନ ଉଦ୍ଧବଙ୍କୁ ରାତି ସାରା ବୁଝାଇବାକୁ ପଡ଼ିଥିଲା ଶ୍ରୀକୃଷ୍ଣଙ୍କୁ । ପ୍ରତ୍ୟୁଷ ହେବାକ୍ଷଣି ଉଦ୍ଧବ ଯେତେବେଳେ ଗୋକୁଳକୁ ଯିବାକୁ ବାହାରିଲେ ସେତେବେଳେ ଶ୍ରୀକୃଷ୍ଣ ତାଙ୍କର ପୀତାମ୍ବର ଓ ବୈଜୟନ୍ତୀମାଳା ପ୍ରସାଦ ସ୍ୱରୂପ ଉଦ୍ଧବଙ୍କୁ ଦେଇ କହିଲେ, 'ଉଦ୍ଧବ ! ମୁଁ ଯାହା ଯାହା ଦେଲି ସେ ସମସ୍ତଙ୍କୁ ପରିଧାନ କରି ଗୋପୀଙ୍କୁ ସାକ୍ଷାତ କରିବ । ମୋ ଗୋପୀମାନେ କୌଣସି ପରପୁରୁଷଙ୍କୁ ଆଡ଼ ଆଖିରେ ଦେଖନ୍ତି ନାହିଁ କି କୌଣସି ପରପୁରୁଷ ସହିତ କଥାବାର୍ତ୍ତା କରନ୍ତି ନାହିଁ । ମୋର ପୀତାମ୍ବର ବସ୍ତ୍ରକୁ ସେମାନେ ଚିହ୍ନିବେ, ଆଉ ମୋର ଏକାନ୍ତ ଦୂତ ବୋଲି ତୁମକୁ ଗ୍ରହଣ କରି ତୁମ ସହିତ କଥା ହେବେ । ତୁମେ ମୋର ଅନ୍ତରଙ୍ଗ ଲୋକ ବୋଲି ସେମାନେ ଜାଣିବେ । ତେଣୁ ତୁମେ ଏହି ଦୁଇଟିକୁ ନିଶ୍ଚୟ ଧାରଣ କରିବ ।

'ଉଦ୍ଧବ ! ତୁମେ ନିଶ୍ଚିତ ଜଣେ ଅତି ଭାଗ୍ୟବାନ୍ । କାରଣ ତୁମେ ଏବେ ବ୍ରଜଭୂମିକୁ ଯାଉଛ । ବ୍ରଜ ହେଉଛି ପ୍ରେମଭୂମି । ଆଉ ଏହା ସମସ୍ତଙ୍କର ସର୍ବଦା କଲ୍ୟାଣ କରିଥାଏ । ତୁମର ମଧ ମଙ୍ଗଳ ହେଉ, ଏହା ଇଚ୍ଛା କରି ମୁଁ ତୁମକୁ ସେଠାକୁ ପଠାଉଛି ।

ଉଦ୍ଧବଙ୍କ ରଥ ଯେତେବେଳେ ଯାତ୍ରା ଆରମ୍ଭ କଲା, ଶ୍ରୀକୃଷ୍ଣ ପୁଣି କହିଲେ- 'ମୋ ମାତାପିତାଙ୍କୁ ମୋର ପ୍ରଣାମ ଜଣାଇବ,ସେମାନଙ୍କୁ ବହୁତ ବହୁତ କହିବ, ଆଉ କହିବ ସେମାନଙ୍କର କହ୍ନେଇ ନିଶ୍ଚୟ ସେମାନଙ୍କ ପାଖକୁ ଆସିବ ।

ଶ୍ରୀକୃଷ୍ଣ ଏପରି କହୁଥିବା ବସ୍ଥାରେ ତାଙ୍କ ଆଖି ଦୁଇଟିରୁ ଧାର ଧାର ଲୋତକ ନିଗିଡି ପଡୁଥିଲା । ଉଦ୍ଧବ କିନ୍ତୁ ବୁଝିପାରୁ ନଥିଲେ, ଶ୍ରୀକୃଷ୍ଣ ଯେତେବେଳେ ବ୍ରଜ କଥା ମନେ ପକାନ୍ତି ଅଥବା କୁହନ୍ତି, ତାଙ୍କ ଲୋତକାପ୍ଲୁତ ହେଇଯାଏ କାହିଁକି ?

ଜୀବ ଯେତେବେଳେ ନିଜର ଜୀବତ୍ୱ ଛାଡି ଈଶ୍ୱରଙ୍କ ପ୍ରେମରେ ତନ୍ମୟ ହୋଇଯାଏ ସେତେବେଳେ ଈଶ୍ୱର ତାଙ୍କର ଐଶ୍ୱର୍ଯ୍ୟ, ଈଶ୍ୱରତ୍ୱ ମଧ ଭୁଲିଯାଆନ୍ତି ।

ଶ୍ରୀକୃଷ୍ଣ ବସ୍ତୁତଃ ବର୍ତ୍ତମାନ ମଥୁରାଧୀଶ । ସେ ତାଙ୍କର ପଦମର୍ଯ୍ୟାଦା ଭୁଲି ଉଦ୍ଧବଙ୍କ ରଥ ପଛେ ପଛେ ପାଗଳଙ୍କ ଭଳି ଦୌଡିବାରେ ଲାଗିଥିଲେ, ଆଉ ଦୌଡୁ ଦୌଡୁ ବଡ଼ ପାଟିରେ ଏପରି ସବୁ କହି ଚାଲିଥିଲେ । ଶ୍ରୀକୃଷ୍ଣଙ୍କର ଏପରି ଅବସ୍ଥା ଦେଖି ଉଦ୍ଧବ କିଛି ବୁଝିପାରୁ ନଥାନ୍ତି । ସେ ପରିଶେଷରେ କହିଲେ- ପ୍ରଭୁ ! ଆପଣ ରାଜା । ମୁଁ ଆପଣଙ୍କର ସେବକ । ମୁଁ ବର୍ତ୍ତମାନ ରଥାରୂଢ଼ । ଆପଣ ମୋର ରଥ ପଛେ ପଛେ ଏପରି ଦୌଡୁଥିବା ଆଦୌ ଶୋଭା ଲାଗୁନାହିଁ । ଆପଣ ଆଦୌ ଚିନ୍ତା କରନ୍ତୁ ନାହିଁ । ମୁଁ ସମସ୍ତଙ୍କୁ ଯଥାର୍ଥ ଉପଦେଶ ଦେଇ ଆସିବି ।

ଏଥର ପ୍ରଭୁ ରହିଗଲେ । ମୋ ଉଦ୍ଧବ ଅତି ଭାଗ୍ୟବାନ୍ । ମୋ ଉଦ୍ଧବ ଏବେ ପ୍ରେମଭୂମିକୁ ଯାଉଛି । ସେ ଏପରି ଭାବି ସେହି ସ୍ଥାନରେ ସ୍ଥାଣୁ ରୂପେ ରହି ନିର୍ନିମେଷ ନୟନରେ ରଥ ଅଦୃଶ୍ୟ ହେବା ପର୍ଯ୍ୟନ୍ତ ଚାହିଁବାରେ ଲାଗିଥିଲେ ।

ଯମୁନାର ଅପର ପାର୍ଶ୍ୱରେ ଗୋକୁଳ । ଶ୍ରୀକୃଷ୍ଣ ଗୋକୁଳ ଛାଡ଼ିବା ଦିନଠାରୁ ସମସ୍ତ ବନ ଅରଣ୍ୟ ସେମାନଙ୍କର ଶୋଭା ହରାଇ ପକାଇଥିଲେ । ଯମୁନାର ଜଳସ୍ରୋତରେ ଗୋପୀଙ୍କର ଲୋତକଧାରା ମିଶି ପ୍ରବାହିତ ହେଉଥିବା ଭଳି ମନେ ହେଉଥିଲା । ଗୋକୁଳର ସମସ୍ତ ଗାଈ ଆହାର ତ୍ୟାଗ କରି ମଥୁରା ଆଡ଼କୁ ଚାହିଁ ଚାହିଁ କାଳ କଟାଇ ଦେଉଥିଲେ ।

କହ୍ନେଇଙ୍କ ବିଚ୍ଛେଦରେ ଯଶୋଦାଙ୍କର ମନୋଭାବ ଥିଲା ଅଦ୍ଭୁତ । ସେ ଦୋହରାଇ ଦୋହରାଇ, ଅଗଣାରେ ବସି ନନ୍ଦଙ୍କୁ କହୁଥାନ୍ତି, 'ତୁମ ଯୋଗୁଁ କହ୍ନେଇ ବ୍ରଜଛାଡି ଚାଲିଗଲା । ତୁମେ ତାକୁ ଗାଈ ଚରାଇବାକୁ ପଠାଇଲ । ସେ ବିଚରା କ'ଣ କରନ୍ତା । ଗୋପାଳ ପିଲାମାନେ ତାକୁ



ଶୁଖିଲା, କ*। ଜିନିଷ ଖାଇବାକୁ ଦେଉଥିଲେ । ସେ ତ' ତାହା ସବୁ ଖାଇ, ଗୋପବାଳକଙ୍କ ବ୍ୟବହାରରେ ରୁଷ୍ଟ ହୋଇ ଯାଇଥିଲା । ଏବେ ସୁବିଧା ପାଇବାକ୍ଷଣି ସେ ବ୍ରଜଛାଡି ଚାଲିଗଲା ।

କହ୍ନେଇ ବ୍ରଜଭୂମି ଛାଡି ଯେତେବେଳେ ମଥୁରାକୁ ଗଲା, ଫେରି ଆସିବ ବୋଲି ମୋତେ ସେ କଥା ଦେଇଥିଲା । ମୋ ଆଖିରେ ସେ ଲୁହ ଦେଖିପାରୁ ନ ଥିଲା । ମୁଁ କାନ୍ଦିଲେ କି ମୋ ଆଖିରେ ଲୁହ ଦେଖିଲେ ସେ ମୋତେ କେତେ ପ୍ରକାର ବୁଝାଇବାରେ ଲାଗୁଥିଲା । ହେଲେ, ଆଜି ସେ ଏଡ଼େ ନିଷ୍ଠୁର ହୋଇଯାଇଛି କାହିଁକି ? ମଥୁରାର ଲୋକମାନେ କିଛି ଯାଦୁ ଆଉ କରିଦେଲେ କି ? ମୁଁ ଶୁଣୁଛି, ଆମ କାହ୍ନୁ ମଥୁରାର ରାଜା ହୋଇଯାଇଛି । ଏହା ଶୁଣି ମୋ ଛାତି କୁଣ୍ଢେ ମୋଟ ହୋଇଯାଉଛି । ଆଉ ତୁମେ ତାକୁ ଗାଈଗୋରୁ ଚରାଇବାକୁ ପଠାଉଥିଲ, ତେଣୁ ସେଇ କଥା ଭାବି ସେ ବ୍ରଜକୁ ଆଉ ଆସୁନାହିଁ । ଯଶୋଦା ଏହିପରି କହି କାନ୍ଦିବାରେ ଲାଗୁଥିଲେ ।

ଯଶୋଦାଙ୍କ ଏପରି ଉଘାଇବା କଥା କୃଷ୍ଣ ବିରହ ବେଦନାରେ ସନ୍ତପ୍ତ ନନ୍ଦଙ୍କୁ ଖରାପ ଲାଗିବା ସ୍ୱାଭାବିକ କଥା । ସେ ତେଣୁ କହୁଥିଲେ ମୁଁ କେଉଁଦିନ କହ୍ନେଇକୁ ଗାଈ ଚରାଇବାକୁ ପଠାଇଥିଲି ? ସେ ତ ନିଜେ ସବୁବେଳେ କହୁଥିଲା ଯେ ସେ ଗାଈଙ୍କର ସେବା କରିବା ପାଇଁ ଜନ୍ମ ହୋଇଛି । ଗାଈ ବିନା ତାକୁ କିଛି ହେଲେ ସୁଖ ଲାଗୁ ନ ଥାଏ । ସେ ଯେତେଦିନ ଏଠାରେ ଥିଲା, ଗାଈଗୁଡିକ ଖାଇ ପିଇ କିପରି ହୃଷ୍ଟପୁଷ୍ଟ ଥିଲେ କହୁନ ! ଆଉ ଏବେ ! ଏବେ ଦେଖିଲ, ସେହି ଗାଈମାନେ ଆହାର ଛାଡି, ଖାଲି ମଥୁରା ଆଡ଼କୁ ଚାହିଁ ଶୁଖିଲାଟାରେ ପାକୁଳି କରୁଛନ୍ତି । ସେମାନେ ମଧ କୃଷ୍ଣ ବିରହରେ ସନ୍ତପ୍ତ ହେବାରେ ଲାଗିଛନ୍ତି । ସେମାନଙ୍କର ଏପରି ଅବସ୍ଥା ଦେଖି ମୋତେ ଏତେ ଖରାପ ଲାଗୁଛି ଯେ ଗୁହାଳକୁ ଯିବାପାଇଁ ମୋ ମନ ଆଉ ହେଉନାହିଁ ।

କହ୍ନେଇ ମଥୁରାର ରାଜା ହେବା ପରଠାରୁ ତା'ର ଗାଈଙ୍କୁ ବୋଧେ ପୂରାପରି ଭୁଲିଗଲାଣି । ସେ ଯଦି ଥରେ ମାତ୍ର ବ୍ରଜକୁ ଆସନ୍ତା ତେବେ ବ୍ରଜ ସନାଥ ହୋଇ ଯାଆନ୍ତା ।

ମଥୁରା ଯିବା ପରେ କହ୍ନେଇ ଏଡ଼େ ନିଷ୍ଠୁର ହୋଇଯିବ ବୋଲି କ'ଣ ମୁଁ ଜାଣିଥିଲି । କହ୍ନେଇର ସବୁଠାରୁ ପ୍ରିୟ ଗାଈ ଗଙ୍ଗା ବି ଭୋକ ଉପାସରେ ଗୋକୁଳର ବନ ଅରଣ୍ୟରେ ଏକା ଏକା ବୁଲୁଛି । ସେ ନ ଖାଇ ନ ପିଇ ଅତି ଦୁର୍ବଳ ଦେଖାଯାଉଛି । ଘରକୁ କି ଗୁହାଳକୁ ଜମା ଆସୁନି । ଆମ ପାଇଁ ନ ହେଲେ ପଛେ, ତା ମାତାପିତାଙ୍କ ପାଇ ନ ହେଉ ପଛେ ଥରୁଟିଏ ଏଇ ଗାଈଙ୍କୁ ଦେଖିବାକୁ କହ୍ନେଇ ଆସିବା ଉଚିତ କଥା ହୁଅନ୍ତା ।

ଯଶୋଦା ମନେ ମନେ ବାହୁନି ବାହୁନି କହୁଛନ୍ତି 'କହ୍ନେଇରେ ! ତୋତେ ମୁଁ ଥରେ ଉଦୂଖଳରେ ବାନ୍ଧି ଦେଇଥିଲି । ତୁ ଆଉ କ'ଣ ସେଇଥି ପାଇଁ ମୋ ଉପରେ ରୁଷି ଗୋକୁଳକୁ ଆସୁନାହୁଁ । କହ୍ନେଇରେ ! ତୁ ପରା ଗାଈ ଚରାଇବାକୁ ଭଲ ପାଉ । ତେବେ ତୁ ଗୋକୁଳକୁ ଆସୁନାହୁଁ କାହିଁକି ?

ଦିନେ ନନ୍ଦ ଓ ଯଶୋଦା ଅଗଣାରେ ବସି କହ୍ନେଇଙ୍କ କଥା ମନେ ପକାଇ ପକାଇ କେତେ ସୁଖଦୁଃଖ ହେଉଥିଲେ । ଏପରି ସମୟରେ କୁଆଟିଏ ଆସି ଅନବରତ କା କା ହେଲା । ସକାଳୁ ସକାଳୁ କୁଆ କା କା ହେଲେ ସେ ଦିନ ନିଶ୍ଚୟ କିଛି ଶୁଭ ଖବର ମିଳିଥାଏ କୁଆର କା ଶବ୍ଦ ଶୁଭ ଶକୁନ ବୋଲି କୁହାଯାଏ । ଯଶୋଦା କହିଲେ, ଆଜି ନିଶ୍ଚୟ ମଥୁରାରୁ କେହି କହ୍ନେଇର ଖବର ନେଇ ଆମ ଘରକୁ ଆସିବ । ଏପରି କହି କହ୍ନେଇଙ୍କ କଥା ମନେ ପକାଇ ପକାଇ କୁଆକୁ କହିଲେ, ମୋ କହ୍ନେଇ ଯଦି ଆଜି ଆସିଯାଏ ତେବେ ମୁଁ ତୋର ଚଞ୍ଚୁକୁ ସୁନାରେ ଛାଉଣୀ କରିଦେବି । ତୋତେ ମିଷ୍ଟାନ୍ନ ଖାଇବାକୁ ଦେବି । ତୁ ମୋତେ କହ୍ନେଇର ଆଗମନ ବାର୍ତ୍ତା ଯଦି ଦେଉଥାଉ, ତେବେ ଜନ୍ମ ଜନ୍ମ ଧରି ମୁଁ ତୋର ସେବା କରିବି । କହରେ କୁଆ କହ, ମୋ କହ୍ନେଇ ସତେ ଆସିବ କେବେ ?

ଏହି ସମୟରେ ଉଦ୍ଧବଙ୍କର ରଥ ମଥୁରା ସୀମା ପାରି ହୋଇ ବ୍ରଜରେ ପ୍ରବେଶ କଲା । ବ୍ରଜଭୂମି ହେଉଛି ଦିବ୍ୟ, ସାତ୍ତ୍ୱିକ ଭୂମି, ପ୍ରେମଭୂମି । ଏଠାକାର ପଶୁ, ପକ୍ଷୀ, ବୃକ୍ଷ, ସବୁକିଛି ଦିବ୍ୟ । ଏଠାକାର ଅଣୁ ଅଣୁ ରାଧାକୃଷ୍ଣଙ୍କୁ ପ୍ରେମ କରୁଥାନ୍ତି । ବୃନ୍ଦାବନର ମହିମା କିଏ ବା ବର୍ଣ୍ଣନା କରିପାରିବ ?

ବୃନ୍ଦାବନର ଗୋପାଳ ବାଳକମାନେ ବି କହ୍ନେଇଙ୍କୁ ଅପେକ୍ଷା କରିଥିଲେ । କହ୍ନେଇ ସେମାନଙ୍କୁ କହିଥିଲେ, ସନ୍ଧ୍ୟାରେ ଫେରି ଆସିବେ ବୋଲି । ପ୍ରତ୍ୟେକ ଦିନ ସନ୍ଧ୍ୟାକୁ ଗୋପାଳବାଳକମାନେ ଚାହିଁ ବସିଥାନ୍ତି- 'ହେଇ, ଆଜି କହ୍ନେଇ ନିଶ୍ଚେ ଆସିବ । ହେଲେ କହ୍ନେଇ ଆସୁ ନଥିଲେ । ବାଳକମାନେ ମଥୁରା ମାର୍ଗକୁ ଚାହିଁ ଚାହିଁ ନିରାଶ ହୋଇ କାନ୍ଦି କାନ୍ଦି ଘରକୁ ଫେରୁଥିଲେ ।

# ସେ ପର୍ବ ତ ମିଳିତ ପ୍ରାଣର ମହୋତ୍ସବ !!!

## ପଦ୍ମଶ୍ରୀ ଡ.ଶ୍ରୀନିବାସ ଉଦଗାତା, ବିଦ୍ୟାବାଚସ୍ପତି

ପରମ ଆନନ୍ଦର କଥା ଯେ ପହିଲା ଅଗଷ୍ଟକୁ ସମ୍ବଲପୁରୀ ଭାଷାର ଜନକ, କବି ବାଲ୍ମୀକି, ଭାଷା ଅନୁଶାସିତ ସିଦ୍ଧ ବ୍ୟାକରଣ ସୂତ୍ରର ପ୍ରଖର ମର୍ମଜ୍ଞ ପ୍ରବୀଣ ଟୀକାକାର ଶିକ୍ଷାବିତ୍ ଜ୍ଞାନ ପ୍ରଜ୍ଞାକଳ୍ପ, ଅମରାତ୍ମା ପ୍ରଣମ୍ୟ ପ୍ରାତଃବନ୍ଦ୍ୟ ନିରଭିମାନୀ କବି ସତ୍ୟନାରାୟଣ ବହିଦାରଙ୍କର ପବିତ୍ର ଜନ୍ମଦିନର ଶାଶ୍ୱତ ରୂପପ୍ରଦାନ କରି ତାହା 'ସମ୍ବଲପୁରୀ ଦିନ' ଭାବରେ ସ୍ୱୀକୃତ ହୋଇ ଏକ ମହନୀୟ ଦିବସଭାବରେ ଗୌରବାନ୍ୱିତ କରାଯାଇଛି । ଏହାପରେ ତାହା ପ୍ରତିବର୍ଷ ଏକ ପାବନ ପର୍ବ ଭାବରେ ପାଳିତ ହେବ । ତେବେ ପରମସୁହୃଦ୍ ଭାଷା, ସଂସ୍କୃତିପ୍ରେମୀ ମିତ୍ରମାନେ, କିଛି ସଂକୋଚ ସଂଭ୍ରମ ରହିଲା କି ? ଏ ଅବିଜ୍ଞ ଅବୋଧ ସେପରି ଭ୍ରମିତ ହୋଇ ପଚାରି ଦେଇ ଭାବୁଛି କର୍ତ୍ତାପୁରୁଷମାନେ ବୁଝେଇ ଦେଇ ସଂଶୟ ମୋଚନ କରିବା ସମୀଚୀନ ହେବ । ମୋର ଏକାନ୍ତ କାମନା ଯେ ସେହି ପରମପାବନ ନିଧି ଏକ ମଳିତପ୍ରାଣର ମହୋତ୍ସବ ସଦୃଶ ମହାସମାରୋହରେ ସର୍ବତ୍ର ପାଳିତ ହେଉ ।

ପ୍ରିୟ ସୁହୃଦ୍, ମୁଁ ନିଜକୁ ବ୍ୟକ୍ତ କରି ଦେବାର ଇଚ୍ଛା କରୁଛି ଯେ ମୁଁ କୌଣସି କ୍ଷେତ୍ରର ମଣିଷ ନୁହେଁ । ମାଟି, ମଣିଷ, ମାଲିକର ବିଭାଜନ ଜମାରୁ ସ୍ୱୀକାର କରିନାହିଁ । ଆକୁମାରୀ ହିମାଚଳ ମୋର ପାବନ ମିତ୍ରମୟ ଭାରତବର୍ଷ । ମୋର ଏଯାବତ ପ୍ରକାଶିତ ଗ୍ରନ୍ଥ ସଂଖ୍ୟାହେଲା ୩୧୪ ଯାହା ସାରା ଭାରତରେ ସର୍ବାଧିକ ଗ୍ରନ୍ଥର ଲେଖକ ପ୍ରଣେତା ମୁଁ । ତେଣୁ, ଆପଣାକୁ ସମ୍ବଲପୁରର ଏକାନ୍ତ ଆପଣାର ମନେ କରି ନିଜେ ନିଜକୁ ପଚାରିଲାପରି ସମସ୍ତଙ୍କୁ ପଚାରୁଛି । ଉତ୍ତର ଦେବେ, ଚିନ୍ତା କରିବେ । ଯୋଗ ଜନ୍ମା ପ୍ରଣମ୍ୟ ବହିଦାର କେବଳ ପଶ୍ଚିମ ଓଡ଼ିଶାର କବି କି ? ରବୀନ୍ଦ୍ରନାଥ କେବଳ ବଙ୍ଗମାଟିର ନା ସମଗ୍ର ବିଶ୍ୱର । କେମିତି ହେଲେ ? ବିଶ୍ୱଗୁରୁ, କବିଗୁରୁ । ତାହା ବିବିଧ ଭାଷାର କାବ୍ୟନ୍ତରଣ ମାଧମରେ ! ଆମେ କେତେ ଜଣ ସତରେ ପୂଜ୍ୟ ବହିଦାରଙ୍କର ଅପ୍ରମେୟ ସାରସ୍ୱତ ସର୍ଜନାର କାବ୍ୟନ୍ତରଣ ବ୍ରତୀ ହୋଇ ବିଶ୍ୱରେ ସୀମାତିକ୍ରମିତ କରି କାଳୋତ୍ତୀର୍ଣ୍ଣ, କରିବାର ଇଚ୍ଛା କରିଛୁଁ ! କରିଛୁଁ କି ? ଏହି ପାବନ ଦିବସ ପଶ୍ଚିମାଞ୍ଚଳ ଏକତା ମଂଚର ଆବାହକ ଶ୍ରୀ ଭବାନୀଶଙ୍କର ଭୋଇଙ୍କର ଆହ୍ୱାନକ୍ରମେ ପଦ୍ମଶ୍ରୀ ଜୀତେନ୍ଦ୍ର ହରିପାଳଙ୍କର ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା । ପୂର୍ବତନ ନେତା ମନ୍ତ୍ରୀ, ବିଧାୟକ, ଡାକ୍ତର, ଓକିଲ ପ୍ରଭୃତି ଆପାତତଃ ଦଶଜଣ ପ୍ରତିପତିଶୀଳ ଅର୍ଥବନ୍ତ, ସମର୍ଥ ସମାଜରେ ବିଶେଷ ସମ୍ମାନିତ ଆଦର୍ଶସ୍ଥାନୀୟ ସତପୁରୁଷ ସେହି ସଭାରେ ସମ୍ମାନିତ ଅତିଥି ଭାବରେ ଅତିଥି ଭାବରେ ଯୋଗ ଦେଇଥିଲେ । ମୁଁ ମାତ୍ର ସମ୍ବଲପୁର ମହାନଗରୀୟ କ୍ଷେତ୍ରରେ ନିଜକୁ ସୀମିତ ରଖିବି । ଝାରସୁଗୁଡ଼ା ଓ ତାର ପରିପାର୍ଶ୍ୱସ୍ଥ ନଗରମାନଙ୍କର ଭବ୍ୟ, ଐଶ୍ୱର୍ଯବନ୍ତ ଆୟୋଜନ ଓ ବିପୁଳ ସମାବେଶ ମନୋଜ୍ଞ କାର୍ଯ୍ୟକ୍ରମର ପ୍ରାଚୁର୍ଯ୍ୟ ସମ୍ବନ୍ଧରେ ଆସକ୍ତ ଅନୁରାଗୀ ମିତ୍ରମାନେ ସେ ଦିନର ଖବରକାଗଜଗୁଡିକରୁ ଅବଗତ ହେବାକୁ ଅନୁରୋଧ କରୁଛି । ଯେହେତୁ ରାମଜୀ ଗୁଡି ପାଖରେ ପ୍ରଣମ୍ୟ ବହିଦାରଙ୍କର ଆବାସ ରହିଛି ମୁଁ ସମ୍ବଲପୁର ମହାନଗର କୈନ୍ଦ୍ରିକ ହୋଇ ରହିବାର ଇଚ୍ଛା କରିଛି ।

ଅବଶିଷ୍ଟାଂଶ ୧୦ମ ପୃଷ୍ଠାରେ

# ଆଫଗାନିସ୍ତାନରେ ନିହତ ଭାରତୀୟ ସାମ୍ବାଦିକ

**ଡକ୍ଟର ପ୍ରଦୀପ ମହାପାତ୍ର**

ପ୍ରାକ୍ତନ ବିଭାଗୀୟ ମୁଖ୍ୟ, ସାମ୍ବାଦିକତା ବିଭାଗ

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ

ଆଫଗାନିସ୍ତାନରେ ତାଲିବାନ ଆକ୍ରମଣକୁ ସ୍ଥାନୀୟ ସେନାର ପ୍ରତିରୋଧ ଅବସରରେ ସଶସ୍ତ୍ର ଯୁଦ୍ଧ କାଳରେ ଉପଦ୍ରୁତ ଇଲାକାରେ ଉପସ୍ଥିତ ଭାରତୀୟ ସାମ୍ବାଦିକ ଦାନିଶ ସିଦ୍ଦିକି ୧୬ ଜୁଲାଇ ୨୦୨୧ରେ ନିହତ ହୋଇଥିଲେ । ସିଦ୍ଦିକି ଆନ୍ତର୍ଜାତିକ ସମ୍ବାଦ ସରବରାହ ସଂସ୍ଥା ରଏଟରସର୍ର ଭାରତରେ ମୁଖ୍ୟ ଫଟୋଗ୍ରାଫର ଭାବେ ଅବସ୍ଥାପିତ ଥିଲେ । ଆଫଗାନିସ୍ତାନରେ ଘମାଘୋଟ ଯୁଦ୍ଧ ଆରମ୍ଭ ହେବାର ମାତ୍ର ପାଞ୍ଚ ଦିନ ଆଗରୁ ସେ କାନ୍ଦାହାର ପହଞ୍ଚିଥିଲେ ।

ସିଦ୍ଦିକି ଆଫଗାନ ସ୍ପେଶାଲ ଫୋର୍ସ ହେପାଜତରେ ଯୁଦ୍ଧ କ୍ଷେତ୍ରରେ ଚିତ୍ରୋତ୍ତଳନ କରୁଥିଲେ । ତାଙ୍କରି କ୍ଷତାକ୍ତ ମୃତଶରୀର ତାଲିବାନ କବଜାରୁ ଉଦ୍ଧାର ପରେ ରକେଟ୍ ବିସ୍ଫାରଣରେ ଆହତ ସିଦ୍ଦିକି ଏବଂ ତାଙ୍କସହ ଥିବା ଜଣେ ମେଜର ଓ ଜଣେ ସ୍ୱାସ୍ଥ୍ୟକର୍ମୀଙ୍କୁ ନୃଶଂସ ଭାବେ ହତ୍ୟା କରାଯାଇଥିବା ଆଫଗାନ ସେନା ପକ୍ଷରୁ ଆଶଙ୍କା ପ୍ରକାଶ ପାଇଥିଲା । ତେବେ ତାଲିବାନ ପକ୍ଷରୁ ଏହାକୁ ଖଣ୍ଡନ କରାଯାଇଥିଲା ।

ଜଣେ ଭାରତୀୟ ସାମ୍ବାଦିକ ଯୁଦ୍ଧ କ୍ଷେତ୍ରରେ ଉପସ୍ଥିତ ଥିବା ଖବର ତାଲିବାନ ସେନାଙ୍କ ନିକଟରେ ନ ଥିଲା । ସ୍ୱାଭାବିକ ଭାବେ ଉଭୟ ପକ୍ଷର ଗୁଳି ଚାଳନାରେ ସାମ୍ବାଦିକଙ୍କ ସହ ଦୁଇ ଆଫଗାନ ସୈନ୍ୟଙ୍କ ମୃତଶରୀର ରାସ୍ତାକଡ଼ରୁ ଉଦ୍ଧାର କରାଯାଇଥିଲା । ସିଦ୍ଦିକି ପିନ୍ଧିଥିବା ଜାକେଟରୁ ସେ ଜଣେ ସାମ୍ବାଦିକ ଚିହ୍ନଟ ହୋଇଥିବା ତାଲିବାନ ପକ୍ଷରୁ ସୂଚନା ଦିଆଯାଇଥିଲା ।

ସିଦ୍ଦିକି ଆହତ ହେବା ଯାଏଁ ମୋବାଇଲ ଫୋନ ଯୋଗେ ରଏଟର୍ସ ସହକର୍ମୀଙ୍କ ସହ ସଂପର୍କରେ ଥିଲେ । ତାଙ୍କରି ସଙ୍ଗରେ ଆଫଗାନ ସୈନିକମାନେ ଉପସ୍ଥିତ ଥିବା ପ୍ରମାଣ ରହିଥିଲା । ତେବେ ଶେଷ ମୁହୂର୍ତ୍ତ ଗୁଡ଼ିକର ଘଟଣାକ୍ରମ ଅସ୍ପଷ୍ଟ । ରଏଟର୍ସ ପକ୍ଷରୁ ବିଭିନ୍ନ ସୂତ୍ରରୁ ତଥ୍ୟ ସଂଗ୍ରହ କରାଯାଇ ଏକ ସ୍ପେଶାଲ ରିପୋର୍ଟ ନିଜ ୱେବସାଇଟରେ ୨୩ ଅଗଷ୍ଟ ୨୦୨୧ରେ ପ୍ରକାଶ କରିଥିଲେ ।

ଆଫଗାନିସ୍ତାନରୁ ବୈଦେଶିକ ସୈନ୍ୟ ପ୍ରତ୍ୟାହାର ନିଷ୍ପତ୍ତି ପରେ ଜୁନ ୨୦୨୧ରୁ ତାଲିବାନ ପକ୍ଷରୁ ଶାସନଗାଦୀ ପୁନଃଦଖଲ ପାଇଁ ଅଭିଯାନ ଆରମ୍ଭ ହେବା ପରେ ବହୁ ସ୍ଥାନୀୟ ନାଗରିକ ସଂଘର୍ଷରେ ମୃତାହତ ହେବା ସହ ଦେଶାନ୍ତର ଯାତ୍ରା ଆରମ୍ଭ ହୋଇ ଯାଇଥିଲା । ଜୁଲାଇ ୨୦୨୧ରେ ତାଲିବାନ ସୀମାନ୍ତବର୍ତ୍ତୀ ଅଞ୍ଚଳରେ ପ୍ରବେଶ କରିବା ପରେ ଯୁଦ୍ଧ ନିଶ୍ଚିତ ହୋଇ ସାରିଥିଲା । ଏହି ପରିସ୍ଥିତିରେ ରଏଟର୍ସ ଫଟୋ ଗ୍ରାଫର ଦାନିଶ ସିଦ୍ଦିକି ଆଫଗାନିସ୍ତାନ ଯାତ୍ରା ନିମନ୍ତେ ସଜବାଜ ହୋଇଥିଲେ । ସେ ଉପରିସ୍ଥ କର୍ମକର୍ତ୍ତାଙ୍କୁ ପଚାରିଥିଲେ ଏହି ଘଡ଼ିସନ୍ଧି ମୁହୂର୍ତ୍ତରେ ଆଫଗାନିସ୍ତାନକୁ "ଆମେ ଯିବାନି ତ ଆଉ କିଏ ଯିବ ?"

ସିଦ୍ଦିକି ଜୁଲାଇ ୧୧ରେ କାନ୍ଦାହାର ପହଞ୍ଚି ଆଫଗାନ ସ୍ପେଶାଲ ଫୋର୍ସ ମାର୍ଫତରେ ସହବନ୍ଧିତ ହୋଇଥିଲେ । କେତେ ଶହ କମାଣ୍ଡୋଙ୍କୁ ନେଇ ସେହି ୟୁନିଟ ବିଗତ କିଛି ସପ୍ତାହ ଧରି ସୀମାନ୍ତ ସହର ଗୁଡ଼ିକ ମଧ୍ୟକୁ ପଶି ଆସୁଥିବା ତାଲିବାନ ସେନାଙ୍କୁ ତଡ଼ିବା ଦାୟିତ୍ୱ ନିର୍ବାହ କରୁଥାଏ । ଦୁଇଦିନ ପରେ ଜୁଲାଇ ୧୩ରେ ଆଫଗାନ ସେନାଙ୍କ ଗ୍ରହଣରେ ଜଣେ ଅପହୃତ ପୋଲିସ କର୍ମଚାରୀଙ୍କୁ ଉଦ୍ଧାର କାର୍ଯ୍ୟରେ ସେ ସାମିଲ ହୋଇଥିଲେ । ଅଭିଯାନ ସଫଳ ହୋଇଥିଲା ।

ଫେରନ୍ତା ରାସ୍ତାରେ ତାଲିବାନ ରକେଟ ମାଡ଼ର ସାମ୍ନା କରିଥିଲେ । ସିଦ୍ଦିକି ବସିଥିବା ଯାନଟି ଆଂଶିକ କ୍ଷତିଗ୍ରସ୍ତ ହୋଇଥିବା ସ୍ଥଳେ ସାଥିରେ ଥିବା ଅନ୍ୟ ତିନିଗୋଟି ଯାନ ଧ୍ୱଂସପ୍ରାପ୍ତ ହୋଇଥିଲା । ରକେଟ୍ ମାଡ଼ର ଦୃଶ୍ୟ ଚିତ୍ରୋତ୍ତଳନପରେ ଭିଡ଼ିଓଟି 'ରଏଟର ୱାଏର' ଓ 'ଟୁଇଟର'ରେ ସ୍ଥାନ ପାଇଥିଲା ।

ଦୁଇ ଦିନ ପରେ ଜୁଲାଇ ୧୫ ତାରିଖ ରାତି ୧୧ଟାରେ ଆଫଗାନିସ୍ତାନ-ପାକିସ୍ତାନ ସୀମାନ୍ତରେ ଅବସ୍ଥିତ 'ସ୍ପନ ବାଲଡ଼ାକ' ନାମକ ସହରରେ ପ୍ରବେଶ କରିଥିବା ତାଲିବାନ ବିରୁଦ୍ଧରେ ଅନ୍ୟ ଏକ ଅଭିଯାନରେ ସାମିଲ ହୋଇଥିଲେ । ସେ ଜଣେ ମେଜର କମାଣ୍ଡଙ୍କ ଗାଡ଼ିରେ ବସିଥିଲେ । ଜୁଲାଇ ୧୬ ତାରିଖ ଭୋରରେ ଏକ ରକେଟ ମାଡ଼ରୁ ଅସ୍ତ୍ର ଛିଟିକି ସିଦ୍ଦିକିଙ୍କ ବାମ ହାତ ପଛପଟେ ପଶି ଯାଇଥିଲା । ଆହତ ସିଦ୍ଦିକିଙ୍କ ଚିକିତ୍ସା ପାଇଁ ତାଙ୍କୁ ନିକଟସ୍ଥ ଏକ ମସଜିଦ ପ୍ରାଙ୍ଗଣକୁ ନିଆଯାଇଥିଲା ।

ଏକ ବିବରଣୀ ଅନୁଯାୟୀ ସିଦ୍ଦିକି, ମେଜର ଓ ସ୍ୱାସ୍ଥ୍ୟକର୍ମୀ ମସଜିଦରେ ଥିବା ଅବସରରେ ଘମାଘୋଟ ଲଢ଼େଇରେ ତାଲିବାନ ପକ୍ଷର ରକେଟ ମାଡ଼ରେ ଅତିଷ୍ଠ ହୋଇ ଆଫଗାନ କମାଣ୍ଡୋମାନେ ପଛଘୁଞ୍ଚା ଦେଇ ଯୁଦ୍ଧ କ୍ଷେତ୍ରକୁ ଅପସରି ଯିବା ପାଇଁ ନିଷ୍ପତ୍ତି ନେଇଥିଲେ । ଏହି ଘଡ଼ିସନ୍ଧି ମୁହୂର୍ତ୍ତରେ ସିଦ୍ଦିକି, ମେଜର ଓ ସ୍ୱାସ୍ଥ୍ୟକର୍ମୀଙ୍କୁ ଭୁଲବଶତଃ ଛାଡ଼ି ଆଫଗାନ ସ୍ପେଶାଲ ଫୋର୍ସ କମାଣ୍ଡୋମାନେ ଫେରି ଯାଇଥିଲେ । ସେମାନେ ଭାବିଥିଲେ ତିନିହେଁ କିଛି ସମୟ ପୂର୍ବରୁ ସ୍ଥାନ ପରିତ୍ୟାଗ କରିଛନ୍ତି । ଫଳରେ ତିନିହେଁ ତାଲିବାନ କବଜାରେ ପଡ଼ି ଯାଇଥିଲେ । ଅନ୍ୟ ଏକ ବିବରଣୀ ଅନୁଯାୟୀ କମାଣ୍ଡୋମାନେ ଅପସାରଣ ନିମନ୍ତେ ପ୍ରସ୍ତୁତ ହେଉଥିବା ସମୟରେ ମସଜିଦରୁ ସିଦ୍ଦିକି, ମେଜର ଓ ସ୍ୱାସ୍ଥ୍ୟକର୍ମୀ ଗାଡ଼ି ଆଡ଼କୁ ଦୌଡ଼ୁଥିବା ଅବସରରେ ତାଙ୍କ ଉପରକୁ ଗୁଳିମାଡ଼ ହୋଇଥିଲା । ଜଣେ ପ୍ରତ୍ୟକ୍ଷଦର୍ଶୀ ଆଫଗାନ ଡ୍ରାଇଭର ତିନି ଜଣଙ୍କୁ ମୃତ ଧରିନେଇ ଫେରି ଯାଇଥିବା କହିଥିଲେ । ସିଦ୍ଦିକିଙ୍କ ମୃତ ଶରୀର ଦିନ ୧୦ବେଳକୁ 'ଟୁଇଟର'ରେ ପ୍ରକାଶିତ ହୋଇଥିଲା । ଦାନିଶ ସିଦ୍ଦିକିଙ୍କ ମୃତ୍ୟୁ ବେଳକୁ ବୟସ ୩୮ ବର୍ଷ । ଦିଲ୍ଲୀରେ ବଢ଼ିଥିବା ସିଦ୍ଦିକି ୨୦୧୦ରେ ରଏଟର୍ସରେ ଜଣେ ଶିକ୍ଷାନବୀଶ 'ଇଣ୍ଟର୍ନ' ଭାବେ ଯୋଗ ଦେଇଥିଲେ । ପରେ ସେ ମୁମ୍ବାଇଠାରେ ପ୍ରାୟ ଦଶ ବର୍ଷ କାର୍ଯ୍ୟକରି ୨୦୧୯ରେ ମୁଖ୍ୟ-ଫଟୋଗ୍ରାଫର ଭାବେ ଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିଥିଲେ । ତାଙ୍କରି ଅଧୀନରେ ପ୍ରାୟ ଡ଼ଜନେ ଫଟୋଗ୍ରାଫର ରଏଟର୍ସ ଭାରତ ପାଇଁ କାର୍ଯ୍ୟରତ ଥିଲେ । ସିଦ୍ଦିକି ମିଆଁମାରର ରୋହିଙ୍ଗା ଶରଣାର୍ଥୀଙ୍କ ଫଟୋ ପାଇଁ ୨୦୧୮ରେ ପୁଲିଜର ପ୍ରାଇଜର ସହ-ବିଜେତା । ସେ ବିବାହିତ ଏବଂ ତିନି ଓ ପାଞ୍ଚ ବର୍ଷର ଦୁଇ ସନ୍ତାନର ଜନକ ।

ସିଦ୍ଦିକି ସଂଘର୍ଷମୟ ଅଞ୍ଚଳରେ ଉତ୍ତେଜନାପ୍ରବଣ ପରିବେଶରେ ସାମ୍ବାଦିକତାରେ ତାଲିମ ଓ ପାରଦର୍ଶିତା ଲାଭ କରିଥିଲେ । ଏଥି ପୂର୍ବରୁ ସେ ଥରେ ଆଫଗାନିସ୍ତାନ ଏବଂ ଅନ୍ୟଥରେ ଇରାକ ସେନାବାହିନୀରେ ସହବନ୍ଧିତ ହୋଇ ଯୁଦ୍ଧ କ୍ଷେତ୍ରକୁ ଚିତ୍ରୋତ୍ତଳନ କରିବା ଅଭିଜ୍ଞତାର ଅଧିକାରୀ । ଆଫଗାନିସ୍ତାନରେ ନିହତ ହେବାପରେ ପ୍ରାଥମିକ ରିପୋର୍ଟରେ ସେ ସ୍ପିନ ବାଲଡ଼ାକ ସହର ବଜାରରେ ଫଟୋଗ୍ରାଫି କରୁଥିବା ଅବସ୍ଥାରେ ତାଲିବାନ ଦ୍ୱାରା ନିହତ ହୋଇଥିବା ପ୍ରଚାରିତ ହୋଇଥିଲା । ପରେ ତାହା ସଂଶୋଧନ କରାଯାଇଥିଲା ।

ଆଫଗାନିସ୍ତାନରେ ସାମ୍ବାଦିକଙ୍କ ପ୍ରାଣହାନୀ ଲାଗିରହିଛି । ଦଶ ବର୍ଷ ୨୦୧୦ରୁ ୨୦୨୧ ଅଗଷ୍ଟ ପ୍ରଥମଭାଗ ସୁଦ୍ଧା ୩୫ ଜଣଙ୍କ ପ୍ରାଣହାନୀ ଘଟିଥିବା ସ୍ଥଳେ ସେଥି ମଧ୍ୟରୁ ୨୮ ଜଣ ସାମ୍ବାଦିକ ଆଫଗାନିସ୍ତାନର ନାଗରିକ । 'ରଏଟର୍ସ' ଜନୈକ ଜର୍ମାନ ବ୍ୟବସାୟୀ ଜୁଲିଅସ ରଏଟର୍ସଙ୍କ ଦ୍ୱାରା ୧୮୫୧ରେ ସ୍ଥାପିତ ହୋଇଥିଲା । ଜୁଲିଅସ ବାଣିଜ୍ୟ ସମ୍ବାଦ ପତ୍ରମାଧ୍ୟମରେ ପାରା ପାଦରେ ବାନ୍ଧି ଗ୍ରାହକମାନଙ୍କ ନିକଟକୁ ପ୍ରେରଣ କରି ସମ୍ବାଦ ସରବରାହ ଆରମ୍ଭ କରିଥିଲେ । ପରବର୍ତ୍ତୀ ପର୍ଯ୍ୟାୟରେ ଆନ୍ତର୍ଜାତିକସ୍ତରରେ ସଂଘର୍ଷର ଧାରାବିବରଣୀ ପ୍ରସାରଣରେ ରଏଟର୍ସ ସଦାସର୍ବଦା ଅଗ୍ରଣୀ ଭୂମିକା ନିର୍ବାହ କରି ଆସିଛି । ରଏଟରସ୍ ଇତିହାସରେ କର୍ତ୍ତବ୍ୟରତ ଅବସରରେ ୧୭୦ ବର୍ଷର ଇତିହାସରେ ୩୩ ଜଣ ସାମ୍ବାଦିକ ପ୍ରାଣବଳୀ ଦେଇଥିବା ସ୍ଥଳେ ଦାନିଶ ସିଦ୍ଦିକିଙ୍କ ସ୍ଥାନ ୩୪ ନିରୂପିତ ।

## ପାଟି ଘା' ଭଲ କରେ ଗୁଜୁରାତି



ପାଟି ପୋଡ଼ିବା, ଖାଦ୍ୟ ଖାଇବା କି ପାଣି ପିଇବାରେ କଷ୍ଟ ହେଲେ ଆମେ ତାହାକୁ ପେଟ ଗରମ, ଖାଦ୍ୟ ଖାଇବାରେ ଅନିୟମିତତା କହି ଏଡ଼ାଇ ଯାଇପାରନ୍ତି କିନ୍ତୁ ଏହାର ନିଦାନ ଆମ ହାତ ପାଆନ୍ତାରେ ପରିଚିତ ଗୁଜୁରାତି ହିଁ ଏଥିରୁ ମୁକ୍ତି ଦେଇଥାଏ । ସ୍ୱାଦିଷ୍ଟ ବ୍ୟଞ୍ଜନ ପାଇଁ ଆବଶ୍ୟକ ଗୁଜୁରାତି ବି ଏ ଅସୁଖ ଦୂର କରିବାରେ ସହାୟକ ହୋଇଥାଏ । ଗୁଜୁରାତି ଚୋବାଇଲେ ଏହା ପାଚନ କ୍ରିୟାକୁ ସୁସ୍ଥ ରଖିବା ସହ ଗଳା ଦରଜ ବି ଦୂର କରିଥାଏ । ଗୁଜୁରାତିକୁ ରାତିସାରା ଭିଜାଇ ସକାଳୁ ଚୋବାଇ ତାହାକୁ ପାକୁଳିଲେ ଆରାମ ଲାଗିଥାଏ ।

## ଆଜିର ଚିନ୍ତନ

ସାଧନା ଦ୍ୱାରା ଜୀବନ ସଜାଡ଼ି ହୁଏ, ରଚନାତ୍ମକତାର କୋମଳ ପଲ୍ଲବ ଅଙ୍କୁରିତ ହୁଏ । ସାଧନାର ଅଭାବରେ ଜୀବନ ବିଖଣ୍ଡିତ ହୁଏ, ନଷ୍ଟ ଭ୍ରଷ୍ଟ ହୋଇଯାଏ । ନଷ୍ଟଭ୍ରଷ୍ଟ ହେବାର ଏହି ବେଦନାକୁ ଆମ ଭିତରୁ ପ୍ରତ୍ୟେକ ନିଜ ଅନ୍ତଚେତନାରେ ଅନୁଭବ କରୁଛନ୍ତି । ଜୀବନ ନଷ୍ଟ ହେବାର ବ୍ୟଥା ସମସ୍ତଙ୍କୁ କଷ୍ଟ ଦେଉଛି । ରଚନାତ୍ମକ ଜୀବନ ସାଧନାରେ ହିଁ ଏହାର ସମାଧାନ ନିହିତ । କିନ୍ତୁ ସାବଧାନ କେତୋଟି ହାତ ଗଣତି କର୍ମକାଣ୍ଡ ମଧ୍ୟରେ ଏହି ସାଧନା ସୀମାବଦ୍ଧ ନୁହେଁ । କୌଣସି ପ୍ରକାର ପୂଜା, ପାଠ, ହୋମ ଇତ୍ୟାଦି ଦ୍ୱାରା ଏହାକୁ ପୂରଣ କରାଯାଇ ନ ପାରେ । ଜାଗ୍ରତ ଓ ସକ୍ରିୟ ହେଲେ, ଶୁଚି ହୋଇ ରହିଲେ ଏହାକୁ ସାଧି ହୁଏ । ଏ ତିନିଟିର ମିଳନ ଓ ସମ୍ମିଶ୍ରଣ ଫଳରେ ଜୀବନରେ ସାର୍ଥକତାର ସମାବେଶ ହୋଇଥାଏ । ଏହି ସଂଯୋଗ ଦ୍ୱାରା ଜୀବନରେ ବୈଭବ ଓ ବିଭୁତିର ଅନୁଦାନ ବରଦାନ ବୃଷ୍ଟି ହୁଏ । ବ୍ୟକ୍ତି କେବଳ ଧନବାନ ନୁହେଁ, ପୁଣ୍ୟବାନ, ବଳବାନ୍, ଓଜସ୍ୱୀ ଓ କୀର୍ତ୍ତିବାନ ହୁଏ । ସମସ୍ତ ପ୍ରକାର ସଫଳତା ତାହାର ଚରଣ ଚୁମ୍ବନ କରେ । ରଚନାତ୍ମକ ଜୀବନ- ସାଧନା କରିବା କିପରି ?

ଭଗବାନ ଶ୍ରୀକୃଷ୍ଣ କହୁଛନ୍ତି ? ସାଧକ ଛିଦ୍ରାନ୍ୱେଷୀ ନ ହୁଅନ୍ତୁ ।

ଯେକୌଣସି ସାଧକ ଛିଦ୍ରାନ୍ୱେଷୀ ହେବା ଉଚିତ ନୁହେଁ । ଜିଜ୍ଞାସା ଗୋଟିଏ କଥା, କିନ୍ତୁ ପ୍ରତି କଥାରେ ଦୋଷ ଦେଖିବା ଆଉ ଗୋଟିଏ କଥା । ଅର୍ଜୁନ ହେଉଛନ୍ତି ଏପରି ଦୋଷରହିତ ଜଣେ ସାଧକ । ଦୋଷରହିତ ନ ହେଲେ ଗ୍ରହଣଶୀଳତା ହୋଇ ପାରିବ ନାହିଁ । ବିଷୟ ପ୍ରତି ରୁଚି, ପ୍ରବକ୍ତା ପ୍ରତି ଆଦର ଏବଂ ଗଭୀର ବିଶ୍ୱାସ ତଥା ପାତ୍ରତା ବିକଶିତ କରିବାକୁ ପଡିବ । ଭିତରେ ଗ୍ରହଣ ଶୀଳତାର ଭାବ ହେଲେ ନୂଆ ବିଚାର ବୁଝି ହେବ । ଆମକୁ 'ଅନସୂୟବେ' '(ଶୁଭଦୃଷ୍ଟିଯୁକ୍ତ) ହେବାର ଦୃଷ୍ଟି ବିକଶିତ କରିବାକୁ ହେବ । ଆମେ ଛିଦ୍ରାନ୍ୱେଷୀ ହେବା ନାହିଁ । ସରଳ ଭାବରେ, ଭକ୍ତି ଭାବରେ ଗୁରୁଙ୍କ ଆଦେଶକୁ, ତାଙ୍କର ବଚନକୁ ବ୍ରହ୍ମବାକ୍ୟ ମନେ କରି ତାକୁ ଅନୁସରଣ କରିବାର ପ୍ରୟାସ କରିବା, ଏପରି ହେଲେ କ'ଣ ହେବ ? ଉତ୍ତର- ଜୀବନ ଅପୂର୍ଣ୍ଣତାରୁ ମୁକ୍ତି ପାଇଯିବ । ଅଶୁଭରୁ ଆମେ ରକ୍ଷା ପାଇଯିବା । ଏଇ ଅଶୁଭ କ'ଣ ? ଉତ୍ତର- କର୍ମବନ୍ଧନ । ଏହା ହିଁ ଆମକୁ ଦୁଃଖରୂପୀ ସଂସାରରେ ବାଟ ଭୁଲାଇଥାଏ । ଆମର ଅହଂ, ଆମର ତୃଷ୍ଣା, ଆମର ବାସନା ହିଁ ଆମକୁ ବନ୍ଧନରେ ପକାଇଥାଏ, ଆମକୁ ଦୁଃଖୀ ଦେଇଥାଏ । ଏହି କାରଣକୁ ବୁଝି ନ ପାରିବା ହେଉଛି ସବୁଠାରୁ ବଡ ଅଜ୍ଞାନ । ବନ୍ଧନର ସ୍ୱରୂପକୁ ବୁଝି ଗୋଟିଏ ଝଟକାରେ ସେଥିରୁ ମୁକ୍ତ ହୋଇଯିବା ହେଉଛି ସବୁଠାରୁ ବଡ ଜ୍ଞାନ ।

## ଉପକାରୀ ପିଆଜ




ପିଆଜ ଭିଟାମିନ୍ ଏ, ବି, ଓ ସିରେ ଭରପୂର । ଏଥିରୁ ଫୋଲିକ୍ ଏସିଡ୍, କ୍ୟାଲସିୟମ୍, ଫସଫରସ୍, ମାଗ୍ନେସିଅମ୍, କ୍ରୋମିଅମ୍, ଆଇରନ୍ ମଧ ମିଳେ । ଏହା ତନ୍ତୁ ବହୁଳ । ଏହାର ଗୁଣ ଅନେକ । ଆଣ୍ଠୁ ଗଣ୍ଠି ପିଡ଼ା ହେଉଥିଲେ, ସୋରିଷ ତେଲରେ ପିଆଜ ରସ ମିଶାଇ ମାଲିସ କରନ୍ତୁ । ମୁହଁରେ ଦାଗ ଥିଲେ ପିଆଜ ରସ ନିୟମିତ ଲଗାନ୍ତୁ । ଦାଗ ଚାଲିଯିବ । ବିଛଣାରେ ୨ବୁନ୍ଦା ପିଆଜ ରସ ପକାଇ ପରୀକ୍ଷା କରନ୍ତୁ, ମଶା ଲାଗିବେ ନାହିଁ ।

# ନବଧା ଭକ୍ତିରେ ନିହିତ ଅଛି ସମସ୍ତ ସାଧନାର ସାର

ତୃତୀୟ ଭକ୍ତି ହେଉଛି, ଅହଂକାର ଶୂନ୍ୟ ହୋଇ ଗୁରୁଙ୍କର ଚରଣ କମଳର ସେବା । (ଗୁରୁପଦ୍ ପଙ୍କଜ୍ ସେବା ତୀସରି ଭଗତି ଅମାନ) ଏଠାରେ ଗୋସ୍ୱାମୀଜୀଙ୍କ ଏହି ଭକ୍ତି ବର୍ଣ୍ଣନାର ତାତ୍ପର୍ଯ୍ୟ ହେଉଛି, ଗୁରୁ ହିଁ ବ୍ରହ୍ମା, ବିଷ୍ଣୁ ଏବଂ ଶିବ । ଗୁରୁ ହେଉଛନ୍ତି ଉଚ୍ଚତମ ଏବଂ ପବିତ୍ରତମ ତତ୍ତ୍ୱ । ଏହା ହେଉଛି ଆୟୁଷ, ଦେଶ- କାଳର ସୀମାର ଊର୍ଦ୍ଧ୍ୱରେ ଥିବା ଏକ ଅବିନାଶୀ ତତ୍ତ୍ୱ । ତାଙ୍କ ପ୍ରତି ବିନମ୍ର ସବସ୍ୱ ସମର୍ପଣର ଭାବ ନ ଆସିଲେ ଭକ୍ତି ଉଦୟ ହେବ ନାହିଁ । ଗୁରୁ ପ୍ରଥମେ ଭକ୍ତ ଓ ସାଧକର ଅହଂକାରକୁ ଆଘାତ୍ ଦେଇ ନିର୍ମୂଳ କରିଥାନ୍ତି । ସାଧାରଣତଃ ଆମେ ଗୁରୁଙ୍କୁ ସାଧାରଣ ମନୁଷ୍ୟ ବୋଲି ଭାବିଥାଉ । କାରଣ ଲୋକ ସଂଗ୍ରହ ନିମନ୍ତେ ଲୀଳା ରଚନା କରିବା ପାଇଁ ତାଙ୍କୁ ମାନବୀୟ ପୋଷାକ ପରିଧାନ କରିବାକୁ ହୋଇଥାଏ । 'ସଦ୍ ଗୁରୁଙ୍କ ଜ୍ୟୋତି ହିଁ ଆତ୍ମ ଜ୍ୟୋତି, ତାହାହିଁ ଐଶ୍ୱରିକତାର ଅନନ୍ତ ଆଲୋକ । ସନ୍ଥ ରଜ୍ଜବ ଦାଦୁଙ୍କ ପରି ସଦ୍ ଗୁରୁଙ୍କର ଶରଣ ତ ପାଇଥିଲେ, କିନ୍ତୁ ଅନ୍ତର ଆଲୋକିତ ହୋଇ ନ ଥିଲା । ଗୁରୁ ମିଳିଥିଲେ, କିନ୍ତୁ ମାର୍ଗ ମିଳି ନ ଥିଲା । କ 'ଣ କରିବେ ? କେଉଁଠିକୁ ଯିବେ ? ଦାଦୁ ସାହେବଙ୍କୁ ଏକଥା ସେ ଅନେକ ଥର ପଚାରିଲେ, କିନ୍ତୁ ସେ ହସରେ ଉଡେଇ ଦେଲେ । ବହୁତ ପଚାରିବା ପରେ ଦିନେ କହିଲେ - 'ଗୁରୁଙ୍କୁ ଯେ ଦେହ ବୋଲି ଜାଣେ, ସେ ଭ୍ରମରେ ପଡେ, କିନ୍ତୁ ଯିଏ ଗୁରୁଙ୍କୁ ଚେତନା ବୋଲି ବିଶ୍ୱାସ କରେ, ତା'ର ରାସ୍ତା ଆଲୋକିତ ହୋଇଯାଏ । ଏଠାରୁ ଅଧିକ କିଛି ସେ କହିଲେ ନାହିଁ । ରଜ୍ଜବଙ୍କର ମଧ ଆଉ ସାହସ ହେଲା ନାହିଁ । ପରାଜିତ ହୋଇ ସେ ଗୁରୁଦେବଙ୍କ ଛବିକୁ ନିଜର ଅନ୍ତରରେ ପ୍ରତିଷ୍ଠିତ କରି ନେଲେ । ନିଜର ଅସ୍ତିତ୍ୱର ସମସ୍ତ ଭକ୍ତି ସବୁ ସ୍ନେହ, ସବୁ ଅନୁରାଗ ସେ ସେଇ ଛବିକୁ ସମର୍ପଣ କରିଦେଲେ । ସେଇ ଛବି ତାଙ୍କ ମନରେ ହସି ଉଠିଲା । ଧ୍ୟାନ ପ୍ରଗାଢ଼ ହେବାରୁ ଏହି ଛବିହିଁ ଆତ୍ମ ଜ୍ୟୋତି ହୋଇ ରଜ୍ଜବଙ୍କ ଚେତନାରେ ଜଳି ଉଠିଲା । ରଜ୍ଜବ ସେତିକିରେ ରହିଲେ ନାହିଁ, ସାଧନା କରିବାରେ ଲାଗିଲେ ଏବଂ ସେଇ ଆତ୍ମ ଜ୍ୟୋତି ଅନନ୍ତ ଐଶ୍ୱରିକ ଆଲୋକର ରୂପ ନେବାର ଶୁଭ ମୂହୂର୍ତ୍ତ ଆସିଗଲା । ସମାଧିର ଏହି ପରମ ଭାବଦଶାରେ ସଦ୍ ଗୁରୁ ଓ ଇଷ୍ଟ ଏକ ବୋଲି ସମାଧାନ ମିଳିଗଲା । ଗୁରୁହିଁ ହେଉଛନ୍ତି ଗୋବିନ୍ଦ । ଗୁରୁଙ୍କ ଠାରୁ ଭିନ୍ନ ଆଉ କିଛି ନାହିଁ ।

ମହା ଯୋଗୀ ଶ୍ରୀ ଅରବିନ୍ଦ କହୁଥିଲେ, ଗୁରୁଙ୍କର ଚେତନା ଶିଷ୍ୟ ଭିତରକୁ ଅବତରଣ କରେ । ଯେତେବେଳେ ଶିଷ୍ୟର ଚେତନା ମଧ ଉଚ୍ଚସ୍ତରରେ ରହେ, ଏହା ସେତେବେଳେ ସମ୍ଭବ ହୁଏ । ତେଣୁ ସେ ଗୁରୁଙ୍କ ସକାଶେ descending con-



science (ନିମ୍ନଗାମୀ ଚେତନା) ଏବଂ ଶିଷ୍ୟ ସକାଶେ ascending conscience ର (ଊର୍ଦ୍ଧ୍ୱଗାମୀ ଚେତନା) ଶବ୍ଦ ପ୍ରୟୋଗ କରିଛନ୍ତି । ଅହଂକାର ଦୂର ନ ହେବା ପର୍ଯ୍ୟନ୍ତ ଅଭିପ୍ସା ତୀବ୍ର ହେବ ନାହିଁ । ଗୁରୁ କୃପା ଅବତରଣ କରିବ ନାହିଁ । କର୍ମ ସଂସ୍କାର କରିବା ନିମନ୍ତେ ଗୁରୁ ନିଜ ସ୍ତରରୁ ଅନେକ ନିମ୍ନ ସ୍ତରକୁ ଆସି ଶିଷ୍ୟକୁ କର୍ଦ୍ଦମ ଭିତରୁ ଉଦ୍ଧାର କରି ଉପରକୁ ଉଠାଇ ନିଅନ୍ତି ।

ଉପଯୁକ୍ତ ସମୟ ଘଡି ଓ କୋଳରେ ଦୀକ୍ଷା ଦିଆଯାଇଥାଏ । ଯେଉଁଥି ପାଇଁ ଗୁରୁଙ୍କୁ ଶିଷ୍ୟର ସେହି ଶୁଭ ବେଳକୁ ଚିର ପ୍ରତୀକ୍ଷା କରିବାକୁ ପଡିଥାଏ । ଏହି ମୂହୂର୍ତ୍ତ ଯୋଗୀରାଜ ଶ୍ୟାମଚରଣ ଲାହିଡୀ ମହାଶୟଙ୍କ ଜୀବନରେ ୪୦ ବର୍ଷ ପରେ ଆସିଥିଲା । ଶ୍ୟାମଚରଣ ବିବାହ ପରେ ୧୮୫୧ ମସିହାରେ ବ୍ରିଟିଶ ସରକାରଙ୍କ ସୈନିକ ଇଂଜିନିୟରିଙ୍ଗ ବିଭାଗରେ ଏକାଉଣ୍ଟାଣ୍ଟ ପଦରେ ନିଯୁକ୍ତି ହେଲେ । ଦିନେ ହଠାତ୍ ତାଙ୍କର ବଦଳି ଦାନାପୁରରୁ ରାଣୀକ୍ଷେତ ହୋଇଗଲା । ସେ ସେଠାରେ ପହଞ୍ଚି ହିମାଳୟ ସ୍ଥିତ ଦ୍ରୋଣଗିରୀ ପର୍ବତରେ ତାଙ୍କର ପୂର୍ବ ଜନ୍ମର ଗୁରୁଙ୍କ ସହିତ ଭେଟ ହେଲା, ଯେଉଁଠି ଗୋଟିଏ ଗୁମ୍ଫାରେ ଶ୍ୟାମଚରଣ ଗତ ଜନ୍ମରେ ତପସ୍ୟା କରୁଥିଲେ । ସେହି ସମୟରେ ସେ ବ୍ୟବହାର କରୁଥିବା ମାଳା, କମ୍ବଳ କମଣ୍ଡଳୁ ଆଦି ସବୁ ବସ୍ତ୍ର ସୁରକ୍ଷିତ ଥିଲା । ତାଙ୍କର ଗୁରୁ କହିଲେ, ମୁଁ ଗତ ପଚାଶ ବର୍ଷରୁ ଏଠାରେ ତୁମକୁ ପ୍ରତୀକ୍ଷା କରିଛି । ଏବେ ଏହି ପ୍ରତୀକ୍ଷା ସମାପ୍ତ ହେଲା ।

ଅର୍ଦ୍ଧ ରାତ୍ରିରେ ମହାବତାର ବାବା ଶ୍ୟାମଚରଣଙ୍କୁ ଏକ ଦିବ୍ୟ ସ୍ୱର୍ଣ୍ଣ ମହଲରେ ଦୀକ୍ଷା ଦେଲେ । ସେହି ସ୍ୱର୍ଣ୍ଣ ମହଲ ଗୁରୁଙ୍କ ସଂକଳ୍ପ ଶକ୍ତିରୁ ନିର୍ମିତ ହୋଇଥିଲା । ଦୁର୍ଲ୍ଲଭ ଓ ମଣି ମାଣିକ୍ୟ ଦ୍ୱାରା ବିଭୂଷିତ ଏହି ଦିବ୍ୟ ମହଲ ଅର୍ଦ୍ଧରାତ୍ରିରେ ଏପରି ଆଲୋକିତ ହୋଇଥିଲା ଯେ, ଯେଉଁଠି ସୂର୍ଯ୍ୟୋଦୟର ଭ୍ରମ ସୃଷ୍ଟି କରୁଥିଲା । ତାଙ୍କର ପୂର୍ବ ଜନ୍ମର ସମସ୍ତ କ୍ରମ - ବନ୍ଧନକୁ ସମାପ୍ତ କରି ଗୁରୁ କ୍ରିୟାଯୋଗର ଦୀକ୍ଷା ପ୍ରଦାନ କଲେ । କ୍ରମାଗତ ଆଠଦିନ ପର୍ଯ୍ୟନ୍ତ କ୍ରିୟାଯୋଗ ସାଧନାର ଗୁଢତା ଓ ଗୁହ୍ୟତା ସମ୍ବନ୍ଧରେ ଅଭ୍ୟାସ କଲାପରେ ପୁଣି ଦାନାପୁର ବଦଳି ହୋଇଗଲା ।

ମହାମୁନି ବାବାଙ୍କ ପାଖକୁ ଜଣେ ବ୍ୟକ୍ତି ଆସିଲା । ସେ ତାକୁ କହିଲେ- ତୁମେ ପାହାଡରୁ ତଳକୁ ଡେଇଁପଡ । ଇଚ୍ଛାର ଧନୀ ସେହି ବ୍ୟକ୍ତି ପାହାଡରୁ ତଳକୁ ଡେଇଁ ପଡିଲା । ପରେ ବାବାଜୀ ତାହାର ଶବକୁ ଉଠାଇ ଆଣିବାକୁ ଆଦେଶ ଦେଲେ । ସେ ଯୋଗ ବଳରେ ତାକୁ ଜୀବିତ କଲେ ଏବଂ ପରେ ଦୀକ୍ଷା ପ୍ରଦାନ କଲେ । ଏହି ସନ୍ଦର୍ଭରେ ମହାମୁନିବାବା କହିଲେ ଯେ, ଏହାର ଏହି ଜନ୍ମ ବର୍ତ୍ତମାନ କର୍ମ ଦୀକ୍ଷା ପାଇଁ ପ୍ରତିବନ୍ଧକ । ତେଣୁ ମୁଁ ଏହାର କର୍ମକୁ ଏହି ମାଧମରେ କାଟିଲି ଏବଂ ପରେ ଦୀକ୍ଷା ଦେଲି ।

ଗୁରୁଙ୍କର ସେବା କରିବା ଅର୍ଥ, ସ୍ୱୟଂ ଭଗବାନଙ୍କର, ସଚ୍ଚିଦାନନ୍ଦ ପରମେଶ୍ୱରଙ୍କର ସେବା କରିବା । ଏହିପରି ବ୍ୟକ୍ତି ଈଶ୍ୱରଙ୍କୁ ଲାଭ କରେ । ତା ପକ୍ଷରେ ଅସାଧ ହୋଇ, ଅସମ୍ଭବ ହୋଇ କିଛି ରହେ ନାହିଁ ।

ଚମ୍ପକଲାଲ ଶ୍ରୀ ଅରବିନ୍ଦଙ୍କର ଶିଷ୍ୟ । ଶ୍ରୀ ଅରବିନ୍ଦଙ୍କର ଦୈନନ୍ଦିନ ସେବା କାର୍ଯ୍ୟରେ ସେ ନିଜକୁ ନିୟୋଜିତ କରିଥିଲେ । ୧୯୨୬ ର ଘଟଣା । ସେ ଶ୍ରୀ ଅରବିନ୍ଦଙ୍କୁ ପଚାରିଲେ, 'ଜଣେ ଶିଷ୍ୟ ଭାବରେ ମୋର କର୍ତ୍ତବ୍ୟ କ'ଣ ? ମତେ ନିର୍ଦ୍ଦେଶ ଦିଅନ୍ତୁ । ଯୋଗୀରାଜ କହିଲେ, ତୁମ ପାଇଁ କେବଳ ଗୋଟିଏ କାମ ଅଛି, ତୁମେ ସର୍ବଦା ମୌନ ରହିବ । ଅଳ୍ପ କଥା କହିବ । ମା ପାଖରେ ରହୁଛ, ତେଣୁ ଲୋକମାନେ ମା ବିଷୟରେ ତୁମକୁ ଜିଜ୍ଞାସା କରିବେ । ଖୋଲି ତାଡି ମୋ ଜୀବନଧାରା ବିଷୟରେ ବିସ୍ତାରିତ ଭାବରେ ଜାଣିବାକୁ ଚାହିଁବେ । ତୁମେ ମୌନ ରହିବ । ଚମ୍ପକଲାଲ ତାଙ୍କର ଏହି ଆଦେଶ ପାଳନ କରି ୧୯୨୬ ରୁ ୧୯୫୦ ପର୍ଯ୍ୟନ୍ତ ମୌନ ରହିଲେ । ଶ୍ରୀ ଅରବିନ୍ଦ ଯେତେବେଳେ ସମାଧି ନେଲେ, ଚମ୍ପକଲାଲକୁ ଆଲିଙ୍ଗନ କରି କହିଲେ, ଚମ୍ପକଲାଲ, ମାର ପୁତ୍ର, ମୁଁ ତୁମକୁ ଆଶୀର୍ବାଦ ଦେଇ ଯାଉଛି । ଯୋଗୀରାଜଙ୍କ ଏହି କୃପାସ୍ପର୍ଶ ଚମ୍ପକଲାଲକୁ ସିଦ୍ଧ ସାଧକରେ ପରିଣତ କରିଦେଲା । ଶ୍ରୀ ଅରବିନ୍ଦଙ୍କ ମହାପ୍ରୟାଣ ପରେ ଆମେରିକାସ୍ଥ ଶ୍ରୀ ଅରବିନ୍ଦ ସୋସାଇଟି ତା'ର ବାର୍ଷିକ ଉତ୍ସବରେ ଯୋଗ ଦେବା ପାଇଁ ଚମ୍ପକଲାଲଙ୍କୁ ନିମନ୍ତ୍ରଣ କରିଥିଲେ । ଶ୍ରୀମା ତାଙ୍କୁ କହିଲେ, ତୁମେ ଯାଅ । କିନ୍ତୁ ତୁମର ବ୍ରତ ରକ୍ଷା କରି ଆଦୌ କଥା କହିବ ନାହିଁ । କେବଳ ଠିଆ ହୋଇ ଶ୍ରୀ ଅରବିନ୍ଦଙ୍କୁ ଧ୍ୟାନ କରିବ । ସେ ତାହାହିଁ କଲେ । ସମସ୍ତେ ଅପୂର୍ବ ଆନନ୍ଦ ଅନୁଭବ କଲେ । ତାଙ୍କୁ ସନ୍ଦେଶ ମିଳିଲା ।, ଯୁଗଧର୍ମ ଅନୁସାରେ କାର୍ଯ୍ୟ କରିବା ଉଚିତ । ଶ୍ରୀ ଅରବିନ୍ଦ ଆଶ୍ରମରୁ ପ୍ରକାଶିତ ଚମ୍ପକଲାଲଙ୍କର ବାଣୀ ନାମକ ପୁସ୍ତକ ପାଠକଲେ ଅନୁଭବ କରିହେବ ଯେ, ଲେଖା, ପଢା ଶିଖି ନ ଥିବା ଭକ୍ତ ମଧ ଗୁରୁ ସେବା ଦ୍ୱାରା ସାଧନାର ଉଚ୍ଚତମ ସୋପାନ କିପରି ଆରୋହଣ କରିପାରେ । ଅଭିମାନ ଶୂନ୍ୟ ଗୁରୁଭକ୍ତି ସାଧକକୁ ସବୁ କିଛି ଦେଇ ପାରିବା ନିମନ୍ତେ ସମର୍ଥ । ଶିଷ୍ୟ ଯଦି ଗୁରୁଙ୍କ ପ୍ରତି ପୂର୍ଣ୍ଣ ସମର୍ପିତ ହୋଇ ଯାଏ, ଗୁରୁ ଶିଷ୍ୟର ଅଗଠିତ ବ୍ୟକ୍ତିତ୍ୱକୁ ମାଟିପରି ଉତ୍ତମ ରୂପେ ଦଳି ଚକଟି ତହିଁରେ ଏକ ନୂତନ ବ୍ୟକ୍ତିତ୍ୱ ଗଠନ କରି ଥାଆନ୍ତି ।

**ଅବଶିଷ୍ଟାଂଶ ୧୦ମ ପୃଷ୍ଠାରେ**

## ଟିକିଏ ହସନ୍ତୁ

ଗୁଡୁ ମୁନାକୁ : ଆଜି ମୁଁ ପାଣିକୁ ବୋକା ବନେଇ ଦେଲି ।
ମୁନା : କେମିତି ?
ମୁନା : ମୁଁ ପାଣି ଗରମ କଲି ଗାଧେଇବା ପାଇଁ, ହେଲେ ଗାଧେଇଲିନି ।

× × × ×

ସ୍ୱାମୀ ସ୍ତ୍ରୀ ଭିତରେ ଝଗଡା ହେବା ଯୋଗୁଁ ସ୍ତ୍ରୀ ବାପଘରକୁ ଚାଲିଗଲେ । ସେଇଠି ଥାଇ ସ୍ୱାମୀଙ୍କୁ ଫୋନ କରି ପୁଣି ଝଗଡା କଲେ ।
ସ୍ୱାମୀ : ତମେ ତ ବାପଘରେ ଅଛ । ସେଇଠି ଥାଇ ପୁଣି ମୋ ସହ ଫୋନରେ କାହିଁକି ଝଗଡା କରୁଛ ?
ସ୍ତ୍ରୀ : ଇଏ ଝଗଡା ନୁହେଁ, ୱାର୍କ ଫ୍ରମ୍ ହୋମ୍ ।

× × ×

ସାଇକେଲରେ ଯାଉଥିବା ଜଣେ ବ୍ୟକ୍ତି ରାମକୁ ଧକ୍କା ଦେଇ କହିଲେ : ତମେ ବହୁତ ଭାଗ୍ୟଶାଳୀ ।
ରାମ : ଧକ୍କା ମାରିଲ ଯେ କେତେ କଷ୍ଟ ହେଉଛି । ସେଥିରେ କହୁଛ କ'ଣ ନା ମୁଁ ଭାଗ୍ୟଶାଳୀ ।
ବ୍ୟକ୍ତି : ହଁ, ଆଜି ଛୁଟି ବୋଲି ମୁଁ ସାଇକେଲ ଚଳଉଛି । ନ ହେଲେ ତ ମୁଁ ଟ୍ରକ୍ ଚଲାଏ ।



× × × ×

ସୁନ୍ଦରୀ ସେକ୍ରେଟାରୀ ବସଙ୍କ ଚାମ୍ବରରୁ ଗରଗର ହୋଇ ବାହାରିବା ବେଳେ
ଜଣେ କଲିଗ୍ : ବସ୍ କ'ଣ କହିଲେ ଯେ, ଏମିତି ରାଗିକି ଗରଗର ହଉଛ ?
ସେକ୍ରେଟାରୀ : ବସ୍ ମୋ ପାଖକୁ ଆସି ପଚାରିଲେ ତମେ ସନ୍ଧ୍ୟା ବେଳେ ଫ୍ରି ଅଛ ?
କଲିଗ : ୱାଓ !
ସେକ୍ରେଟାରୀ : ୱାଓ କ'ଣ ମୁଁ । ମୁଁ ହଁ କହିବାରୁ ସେ ମତେ ୬୦ ପୃଷ୍ଠା ଧରେଇ ଦେଲେ ଟାଇପ୍ କରିବାକୁ ।

× × × × × ×

ଜଣେ ଯୁବକଙ୍କ ଦେହ ଖରାପ ଥିବାରୁ ଡାକ୍ତରଖାନା ଯାଇଥାଆନ୍ତି ।
ନର୍ସ : ଦୀର୍ଘ ଶ୍ୱାସ ନିଅ ।
ଯୁବକ : ହଉ ।
ନର୍ସ : କେମିତି ଅନୁଭବ ହେଉଛି ?
ଯୁବକ : କୋଉ ପରଫ୍ୟୁମ ଲଗେଇଛନ୍ତି ବଢ଼ିଆ ବାସ୍ନା ଦେଉଛି ।

× ×× × × × ×

ଦୋକାନୀ : ମ୍ୟାଡମ୍ କ'ଣ ଦେଖେଇବି ?
ମହିଳା : ଡ୍ରେସ୍ ।
ଦୋକାନୀ : କେମିତିଆ ?
ମହିଳା : ଏମିତିଆ ଦେଖାଅ, ଯାହାକୁ ଦେଖି ମୋ ପଡିଶାଘର ଝିଅ ଜଳିଯିବ ।

ବର୍ଷ ୨୫, ସଂଖ୍ୟା-୩୨, ୫ - ୧୧ ସେପ୍ଟେମ୍ବର ୨୦୨୧

# ରାଜନୀତିରେ ଅପରାଧ ତତ୍ତ୍ୱ


ରାଜନୀତିରେ ଆଦର୍ଶ ଓ ନୈତିକତାର ଅବକ୍ଷୟ ଘଟିଛି । ଭୋଟରଙ୍କ ଆବଶ୍ୟକତା ହେଉ ବା କ୍ଷମତାରେ ରହିବା ଆକର୍ଷଣ ହେଉ, ଏଥିପାଇଁ ଅନୈତିକ ପନ୍ଥାର ଆଶ୍ରୟ ନେବାକୁ ପଡୁଛି । ଗୋଖାଦ୍ୟ ଦୁର୍ନୀତି ମାମଲାରେ ବିହାରର ପୂର୍ବତନ ମୁଖ୍ୟମନ୍ତ୍ରୀ ଲାଲୁପ୍ରସାଦ ଯାଦବ ଜେଲଦଣ୍ଡ ଭୋଗିଛନ୍ତି । ଶାରୀରିକ ଅସୁସ୍ଥତା କାରଣରୁ ଲାଲୁପ୍ରସାଦ ଜେଲରୁ ବାହାରକୁ ଆସିବା ପରେ ଏବେ ରାଜନୀତିରେ ସକ୍ରିୟ ହେଲେଣି । ତାମିଲନାଡୁର ପୂର୍ବତନ ମୁଖ୍ୟମନ୍ତ୍ରୀ ସୁଶ୍ରୀ ଜୟଲଳିଥା ଆୟ ବହିର୍ଭୁତ ସମ୍ପତ୍ତି ଠୁଳ ଅଭିଯୋଗରେ ନିମ୍ନ ଅଦାଲତରେ ଦୋଷୀ ସାବ୍ୟସ୍ତ ହୋଇଥିଲେ । କିଛିଦିନ ସେ ଜେଲରେ ରହିଲେ । ସୁପ୍ରିମକୋର୍ଟରୁ ଜାମିନ ପାଇଲେ । ପୁଣି ମୁଖ୍ୟମନ୍ତ୍ରୀ ହେଲେ । ପରିଶେଷରେ କର୍ଣ୍ଣାଟକ ହାଇକୋର୍ଟ ଦ୍ୱାରା ଦୋଷମୁକ୍ତ ହେଲେ । କର୍ଣ୍ଣାଟକ ହାଇକୋର୍ଟ ରାୟ ବିରୋଧରେ ସୁପ୍ରିମକୋର୍ଟରେ ମାମଲା ବିଚାରାଧୀନ ଥିବା ସମୟରେ ତାଙ୍କର ପରଲୋକ ଘଟିଲା । ପରେ ପରେ ଜୟଲଳିଥାଙ୍କ ବାନ୍ଧବୀ ତଥା ଏଆଇଏଡିଏମକେ ଦଳର ନେତ୍ରୀ ଭି.କେ. ଶଶୀକଳା ଆୟ ବହିର୍ଭୁତ ସମ୍ପତ୍ତି ଠୁଳ ଅଭିଯୋଗରେ ସୁପ୍ରିମକୋର୍ଟରେ ଦଣ୍ଡିତ ହୋଇ ୪ ବର୍ଷ ଦଣ୍ଡ ଭୋଗିବା ପରେ ଜେଲରୁ ମୁକ୍ତ ହୋଇଛନ୍ତି । ସେହିପରି ହରିୟାଣାର ପୂର୍ବତନ ମୁଖ୍ୟମନ୍ତ୍ରୀ ଓମ୍ ପ୍ରକାଶ ଚୌତାଲା ଶିକ୍ଷକ ନିଯୁକ୍ତି ଦୁର୍ନୀତି ମାମଲାରେ ସୁପ୍ରିମକୋର୍ଟ ଦ୍ୱାରା ଦଣ୍ଡିତ ହୋଇ ଦୀର୍ଘ ୯ ବର୍ଷ ଜେଲରେ କଟାଇଥିଲେ ।

ଉଚ୍ଚ ଆସନରେ ଥିବା ରାଜନେତାଙ୍କ ଦୁର୍ନୀତିର ଏହା ଏକ ଉପକ୍ରମଣିକା ମାତ୍ର । ଏହି ପରିପ୍ରେକ୍ଷୀରେ ତଳ ସ୍ତରର ରାଜନେତା ବା କର୍ମୀଙ୍କ ଦ୍ୱାରା ଦେଶରେ ବ୍ୟାପକ ଦୁର୍ନୀତି ଘଟି ଚାଲିଛି । ଏହା ଅଜଣା ବା ଅଛପା ନୁହେଁ । ସାଧାରଣ ଜନତା ଏହା ଦେଖୁଛନ୍ତି, ଅଙ୍ଗେ ନିଭାଉଛନ୍ତି । କିନ୍ତୁ କିଛି କରିପାରୁ ନାହାନ୍ତି । କାରଣ ସୁବ୍ରମଣ୍ୟମ ସ୍ୱାମୀଙ୍କ ପରି ସମସ୍ତଙ୍କର ଦକ୍ଷତା ବା ସାଧନ ନାହିଁ, ଯେ ଜୟଲଳିଥାଙ୍କୁ ଜେଲ୍ ପଠାଇବାରେ ସମର୍ଥ ହୋଇ ପାରିଲେ । ଏହି ମର୍ମରେ କ୍ଷୋଭ ପ୍ରକାଶ କରି ସୁପ୍ରିମକୋର୍ଟ କହିଛନ୍ତି ଯେ, ମାମଲା ଶୁଣାଣିରେ ସିବିଆଇ ବା ଆଇବି ନିକଟରୁ ସେମାନଙ୍କୁ ଆବଶ୍ୟକ ସହଯୋଗ ମିଳୁନାହିଁ ।

ରାଜନେତାର ଆଚରଣ ସମ୍ପର୍କରେ ଆମ ପ୍ରାଚୀନ ସାହିତ୍ୟ ଓ ପୁରାଣରେ ବହୁ ମାତ୍ରାରେ ଦେଖିବାକୁ ମିଳିଥାଏ । ଅଯୋଧାରେ ରାଜା ଥିଲେ ରାମଚନ୍ଦ୍ର । ପ୍ରଜାଙ୍କ ନିକଟରେ ନିଜକୁ ଦୋଷମୁକ୍ତ କରିବା ନିମନ୍ତେ ସମସ୍ତ ପ୍ରକାର ପାରିବାରିକ ତ୍ୟାଗ ସ୍ୱୀକାର କରିଥିଲେ । ଥିଲେ ଜଣେ ଅଧିପତି ଦ୍ୱାରକାପୁରୀରେ । ବଂଶର ଗର୍ବ ତଥା ଅହଂକାରଜନିତ ଅନ୍ୟାୟରୁ ମୁକ୍ତ ହେବା ନିମନ୍ତେ ସେ ସମଗ୍ର ବଂଶର ବିନାଶ ପରିକଳ୍ପନା କରିଥିଲେ । ଥିଲେ ଜଣେ ପ୍ରଧାନମନ୍ତ୍ରୀ ଲାଲବାହାଦୁର ଶାସ୍ତ୍ରୀ । ନିଜର ସାଧୁତା ଓ ସରଳ ଜୀବନଯାପନ ପାଇଁ ବେଶ୍ ଜଣାଶୁଣା । ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କ ମନ୍ତ୍ରିମଣ୍ଡଳରେ ରେଳମନ୍ତ୍ରୀ ଭାବେ ସେ ଦାୟିତ୍ୱ ନିର୍ବାହ କରିବା ସମୟରେ ରେଳ ଦୁର୍ଘଟଣାର ନୈତିକ ଦାୟିତ୍ୱ ଗ୍ରହଣ କରି ପଦବୀରୁ ଇସ୍ତଫା ଦେଇଥିଲେ । ତାଙ୍କ ନିକଟରେ ବିଶେଷ ସମ୍ପତ୍ତି ନ ଥିଲା । ଓଡ଼ିଶାରେ ଥିଲେ ଜଣେ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀ । ଜୀବନର ଶେଷ ବେଳକୁ ସେ କପର୍ଦ୍ଦକଶୂନ୍ୟ ଥିଲେ । ରାଜନୀତିରେ ସାଧୁତାର ଏପରି ଅନେକ ଦୃଷ୍ଟାନ୍ତ ଆମ ଦେଶରେ ରହିଛି ।

ତେବେ ସମୟ ଆଗକୁ ବଢ଼ିବା ସହ ରାଜନୀତିରେ ସଂଜ୍ଞା ମଧ ବଦଳିବାରେ ଲାଗିଛି । ଯେଉଁ ରାଜନୀତିକୁ ଶ୍ରେଷ୍ଠ ନୀତି ଭାବେ ବିବେଚନା କରାଯାଇଥାଏ ତାହା କଳୁଷିତ ହେବାରେ ଲାଗିଛି । ବର୍ତ୍ତମାନ ରାଜନୀତି ମଧକୁ ବାହୁବଳ ଅର୍ଥବଳ ଆଦି ପ୍ରବେଶ କରିଛି । ନିର୍ବାଚନ ରାଜନୀତିରେ ଏହି ଦୁଇଟି ବିଷୟ ପ୍ରମୁଖ ସ୍ଥାନ ଗ୍ରହଣ କରିଛି । ନିଜର ଭୋଟରଙ୍କୁ ବାନ୍ଧି ରଖିବା ବା ଅନ୍ୟ ଦଳର ସମର୍ଥକଙ୍କୁ ଆକୃଷ୍ଟ କରିବା ନିମନ୍ତେ ବିପୁଳ ଅର୍ଥ କାରବାର କରାଯାଉଛି । ନିର୍ବାଚନରେ ବ୍ୟୟ କରିବା ନିମନ୍ତେ ନିର୍ବାଚନ କମିଶନ ଯେଉଁ ପରିମାଣ ଅର୍ଥ ବରାଦ କରୁଛନ୍ତି ତା'ଠାରୁ ବହୁଗୁଣ ଅଧିକ ବ୍ୟୟ କରାଯାଉଛି । ଏହି ବ୍ୟୟ ଆନୁଷ୍ଠାନିକ ହିସାବ ବାହାରେ ରହୁଛି । ନିର୍ବାଚନରେ ମାଳମାଳ ଅତ୍ୟାଧୁନିକ ଗାଡ଼ି ବ୍ୟବହାର କରାଯାଉଥିବା ପରିଲକ୍ଷିତ ହେଉଛି । ମାଦକଦ୍ରବ୍ୟ, ଭୋଜି ଓ ସରକାରୀ ସୁବିଧା ପ୍ରଦାନ କରାଯାଇ ଭୋଟ କ୍ରୟ କରିବା ନିମନ୍ତେ ବ୍ୟବସ୍ଥା କରାଯାଉଛି । ବିଭିନ୍ନ ସମୟରେ ବାହୁବଳର ମଧ ଉପଯୋଗ କରାଯାଉଛି । ବାହୁବଳରେ ସାଧାରଣତଃ ଶାସକ ଦଳର ସଦସ୍ୟ ଆଗୁଆ ରହିଥାନ୍ତି । କାରଣ ଶାସକ ଦଳ କର୍ମୀ ବିରୋଧରେ କାର୍ଯ୍ୟାନୁଷ୍ଠାନରେ ପ୍ରଶାସନ କୋହଳ ମନୋଭାବ ପୋଷଣ କରିଥାନ୍ତି ।

ଆସୋସିଏସନ ଫର ଡେମୋକ୍ରାଟିକ ରିଫର୍ମସ ରିପୋର୍ଟ ଅନୁଯାୟୀ ୨୦୦୯ ନିର୍ବାଚନରେ ଅପରାଧ ପୃଷ୍ଠଭୂମି ଥିବା ପ୍ରାର୍ଥୀଙ୍କ ସଂଖ୍ୟା ୧୫% ଥିବାବେଳେ ୨୦୧୪ ନିର୍ବାଚନ ବେଳକୁ ଏହି ସଂଖ୍ୟା ୧୭% ଓ ୨୦୧୯ ନିର୍ବାଚନ ବେଳକୁ ଏହି ସଂଖ୍ୟା ୧୯% ରେ ପହଞ୍ଚିଅଛି । ଅର୍ଥାତ୍ ପ୍ରତି ୫ ବର୍ଷ ବ୍ୟବଧାନରେ ଅପରାଧ ପୃଷ୍ଠଭୂମି ଥିବା ରାଜନେତାଙ୍କ ସଂଖ୍ୟା ୨% ହାରରେ ବୃଦ୍ଧି ପାଉଛି । ଏହା ନିଶ୍ଚିତ ଭାବେ ଉଦବେଗର ବିଷୟ । ରାଜନୀତିରେ ଅପରାଧୀକରଣ ନିୟନ୍ତ୍ରଣ ପାଇଁ ଭାରତୀୟ ନିର୍ବାଚନ କମିଶନ ଓ ନ୍ୟାୟପାଳିକା କେତେକ ପଦକ୍ଷେପ ଗ୍ରହଣ କରିଛନ୍ତି । ଦୋଷୀ ସାବ୍ୟସ୍ତ କାରଣରୁ କେତେକ ରାଜନେତାଙ୍କ ନିର୍ବାଚନ ପ୍ରତିଦ୍ୱନ୍ଦିତା ଉପରେ ସୁପ୍ରିମକୋର୍ଟ ଅତୀତରେ ଅଙ୍କୁଶ ଲଗାଇଥିବା ଜଣାଯାଏ । ଇତି ମଧରେ ଅଦାଲତ ଏକ ନିର୍ଦ୍ଦେଶନାମାରେ ଅପରାଧ ପଷ୍ଠଭୂମି ଥିବା ପ୍ରାର୍ଥୀଙ୍କ ବିବରଣୀ ମନୋନୟନର ୪୮ ଘଣ୍ଟା ମଧରେ ସାର୍ବଜନୀନ କରିବା ନିମନ୍ତେ ରାଜନୈତିକ ଦଳଗୁଡିକୁ କହିଛନ୍ତି । ଅପରାଧୀମୁକ୍ତ ରାଜନୈତିକ ପରିବେଶ ସୃଷ୍ଟି ଦିଗରେ ଅଦାଲତଙ୍କ ଏହି ପଦକ୍ଷେପ ସ୍ୱାଗତଯୋଗ୍ୟ । କିନ୍ତୁ ବିଡ଼ମ୍ବନାର ବିଷୟ ଯେ, ଏହି ଦିଗରେ ରାଜନୈତିକ ଦଳ ଯେଉଁ ପ୍ରକାର ସାଧୁତା ଓ ନୈତିକତା ପ୍ରଦର୍ଶନ କରିବା ଆବଶ୍ୟକ ତାହା ହୋଇ ପାରୁ ନାହିଁ । ସବୁ ରାଜନୈତିକ ଦଳ ନୈତିକତା ବାହାରେ ବିଭିନ୍ନ ବାଟରେ ଭୋଟ ହାତେଇବା ପାଇଁ ଚେଷ୍ଟିତ । ଏହି କାରଣରୁ ସେମାନେ ନିର୍ବାଚନ କମିଶନ ଓ ନ୍ୟାୟପାଳିକା ଉପରେ ସବୁ ବୋଝ ଲଦି ଦେଇ ନିଜେ ଏଥିରୁ ଓହରି ଯାଉଛନ୍ତି । ଜନପ୍ରତିନିଧିଙ୍କ ବିରୋଧରେ ଥିବା ଅପରାଧିକ ମାମଲାର ସ୍ୱତନ୍ତ୍ର ଅଦାଲତରେ ତ୍ୱରିତ ଶୁଣାଣି ପାଇଁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ ମଧ ବିଚାରପତି ଅଭାବରୁ ତାହା ହୋଇ ପାରୁ ନାହିଁ । ଭାରତୀୟ ଗଣତନ୍ତ୍ର ୭୫ ବର୍ଷରେ ପଦାର୍ପଣ କଲାଣି । ଏ ସମୟରେ ଦେଶର ନିର୍ବାଚନ ଧାରା ଯେତେ ମୂଲ୍ୟବୋଧରେ ହେବ ଗଣତନ୍ତ୍ର ସେତେ ଉଜ୍ୱଳ ହୋଇ ପାରିବ ।



# ସମବାୟ ପଦ୍ଧତିରେ ଗୋପାଳନ

ମହାତ୍ମା ଗାନ୍ଧୀ

ନିଜ ଘରେ ଏକ ଯଥାର୍ଥ ଏବଂ ବୈଜ୍ଞାନିକ ପ୍ରଣାଳୀରେ ଗୋରୁମାନଙ୍କର କଲ୍ୟାଣ ଲାଗି ଯତ୍ନବାନ ଜଣେ ଚାଷୀ ପାଇଁ ଆଦୌ ସମ୍ଭବ ହେବ ନାହିଁ । ଏହାର ଅନ୍ୟାନ୍ୟ କାରଣ ମାନ ତ ରହିଛି, ମାତ୍ର ସାମୂହିକ ଉଦ୍ୟମର ଅଭାବ ହିଁ ଏହି କ୍ଷେତ୍ରରେ ଗାଈର ଓ ସାଧାରଣ ଭାବରେ ଗୋଜାତିର ଅଧୋଗତି ନିମନ୍ତେ ମୁଖ୍ୟ କାରଣ ହୋଇ ରହିଛି ।

ପ୍ରତ୍ୟେକ କ୍ଷେତ୍ରରେ ଏବେ ସାରା ପୃଥିବୀ ସାମୂହିକ ଅଥବା ସମବାୟିକ ଉଦ୍ୟମର ଆଦର୍ଶ ଆଡ଼କୁ ଗତି କରିବାରେ ଲାଗିଛି । ଏହି ମାର୍ଗରେ ବହୁତ କିଛି ହାସଲ କରା ହୋଇଛି ଏବଂ ହେଉଛି । ସେହି ଧାରାଟି ଆମ ଦେଶକୁ ମଧ ଆସି ସାରିଲାଣି, ମାତ୍ର ତାହା ଏପରି ଅତ୍ୟନ୍ତ ବିକୃତ ଭାବରେ ଆସିଛି ଯେ, ଆମ ଦେଶର ଦରିଦ୍ରମାନେ ଏହାଦ୍ୱାରା ଉପକୃତ ହୋଇ ପାରି ନାହାନ୍ତି । ଆମ ଦେଶର ଜନସଂଖ୍ୟା ବୃଦ୍ଧି ପାଇବା ସଙ୍ଗେ ସଙ୍ଗେ ଜଣେ ସାଧାରଣ ଚାଷୀର ଭୂମି ପରିମାଣ ଦିନକୁ ଦିନ ହ୍ରାସ ହେବାରେ ଲାଗିଛି । ଅଧିକନ୍ତୁ, ଜଣେ ବ୍ୟକ୍ତିର ଜମି ହିସାବରେ ଯେତିକି ରହିଛି, ତାହା ମଧ ଖଣ୍ଡ ଖଣ୍ଡ ହୋଇ ରହିଛି ।

ଏହିଭଳି ଚାଷୀମାନଙ୍କ ପକ୍ଷରେ ନିଜ ଘରେ ଗୋରୁ ରଖିବା ଏକ ଆତ୍ମଘାତୀ ବ୍ୟାପାର ହିଁ ହେବ । ତଥାପି ସେମାନଙ୍କର ଦଶା ବର୍ତ୍ତମାନ ଏହିପରି ହୋଇ ରହିଛି । ଯେଉଁମାନେ ଅର୍ଥନୀତିକୁ ହିଁ ସର୍ବ ପ୍ରଥମ ସ୍ଥାନ ଦିଅନ୍ତି ଓ ଧର୍ମଗତ, ନୈତିକ ଅଥବା ମାନବିକ ଦିଗ ଗୁଡିକୁ ପ୍ରାୟ ଆଖି ବୁଜି ଦେଇଥାନ୍ତି, ସେମାନେ ତ ସତେ ଅବା ଘରର ଚାଳ ଉପରେ ଛିଡ଼ା ହୋଇ ତେବେ ବଡ଼ ପାଟି କରି କହିଥାନ୍ତି ଯେ, ଚାଷୀକୁ ସିଏ ଘରେ ରଖିଥିବା ଗୋରୁମାନେ ହିଁ ଗିଳି ପକାଉଛନ୍ତି, କାରଣ ସେହି ଗୋରୁ ମାନଙ୍କୁ ରଖିବାରୁ ଯେଉଁ ଆମଦାନୀ ହେଉଛି ସେମାନଙ୍କର ଖାଇବାରେ ଖର୍ଚ୍ଚ ହେଉଥିବା ଚାରାର ପରିମାଣ ସହିତ ତାହାର ଆଦୌ କୌଣସି ଆନୁପାତିକତା ନାହିଁ । ଆଦୌ କୌଣସି କାମରେ ଆସୁ ନ ଥିବା ପଶୁମାନଙ୍କୁ ଗୋଟାଏ ମୁଥକେ ମାରି ନ ଦେବାଟାକୁ ସେମାନେ ନିର୍ବୋଧତା ବୋଲି କହନ୍ତି ।

ତେଣୁ, ମାନବିକ ଦୃଷ୍ଟିକୋଣଟିକୁ ବିଚାରକୁ ନେଉଥିବା ବ୍ୟକ୍ତିମାନଙ୍କର କ'ଣ କରିବା ଉଚିତ, ବର୍ତ୍ତମାନ ସେହି ପ୍ରଶ୍ନଟି ଉଠିବ । ଏହାର ଅତ୍ୟନ୍ତ ସ୍ପଷ୍ଟ ଉତ୍ତରଟି ହେଉଛି ଯେ, ଆମେ ଏପରି ଗୋଟିଏ ଉପାୟ ଖୋଜି ବାହାର କରିବା, ଯାହାଦ୍ୱାରା କି ଆମ ଗୋରୁମାନଙ୍କର କେବଳ ପ୍ରାଣରକ୍ଷା ଯେ ହେବ ତା ନୁହେଁ, ମାତ୍ର ସେମାନେ ଯେପରି ଏକ ବୋଝରେ ପରିଣତ ହୋଇ ନ ଯାନ୍ତି, ଆମକୁ ସେହି କଥାଟିକୁ ମଧ ଦେଖିବାକୁ ପଡିବ । ମୁଁ ନିଶ୍ଚିତ ଭାବରେ କହିବି ଯେ ସମବାୟ ପଦ୍ଧତିରେ ପ୍ରୟାସ କଲେ ଏହି କ୍ଷେତ୍ରରେ ତାହା ବହୁ ପରିମାଣରେ ସହାୟକ ହେବ । ସମବାୟ ପଦ୍ଧତିରେ କୌଣସି ଚାଷୀ ବର୍ତ୍ତମାନ ପରି ତା'ର ଗୋରୁମାନଙ୍କୁ ନିଜ ଘରେ ରଖି ପାରିବ ନାହିଁ । ବର୍ତ୍ତମାନ ସେମାନେ ବାୟୁକୁ ଦୁର୍ଗନ୍ଧ କରି ପକାଉଛନ୍ତି, ପାରିପାର୍ଶ୍ୱକୁ ମଇଳା କରୁଛନ୍ତି । ପଶୁମାନଙ୍କ ସହିତ ଏକାଠି ବାସ କରିବାରେ ବୁଦ୍ଧିମତ୍ତା ନାହିଁ, ମାନବିକତା ମଧ ନାହିଁ । ମଣିଷ ସେପରି କରିବ ବୋଲି ଆଦୌ ଅଭିପ୍ରେତ ହୋଇ ନ ଥିଲା । ଯଦି ସମବାୟିକ ପଦ୍ଧତିଟିକୁ ଗ୍ରହଣ କରାଯାଏ, ତେବେ ବର୍ତ୍ତମାନ ଗୋରୁମାନେ ଅଧିକାର କରି ରହିଥିବା ସ୍ଥାନ ଚାଷୀ ତଥା ତା'ର ପରିବାର ପାଇଁ କାମରେ ଲାଗିପାରିବ ।

(କ୍ରମଶଃ)

# ଏକାଦଶୀରେ ଅନ୍ନ ବାରଣ କାହିଁକି ?

ହିନ୍ଦୁ ଧର୍ମରେ ଏକାଦଶୀ ବ୍ରତର ବିଶେଷ ମହତ୍ତ୍ୱ ରହିଛି । ଏକାଦଶୀ ବ୍ରତକଲେ ପୁଣ୍ୟ ପ୍ରାପ୍ତ ହୁଏ ବୋଲି ବିଶ୍ୱାସ ରହିଛି । ପାଞ୍ଚ ହଜାର ବର୍ଷ ତପ କଲେ ଯେଉଁ ଫଳ ପ୍ରାପ୍ତ ହୁଏ ତାହା ଏକାଦଶୀ ବ୍ରତ ପାଳନ କଲେ ମିଳିଥାଏ ବୋଲି କୁହାଯାଏ । କେତେଗୁଡିଏ ଏକାଦଶୀରେ ଏକଭୁକ୍ତ ବା ବେଳାଏ ଖାଇ ପାଳନ କରାଯାଏ ଅନ୍ୟ କେତେଗୁଡିକରେ ଅନ୍ନଜଳ ସମ୍ପୂର୍ଣ୍ଣ ତ୍ୟାଗ କରାଯିବାର ବିଧି ରହିଛି । ପୌରାଣିକ କଥାନୁସାରେ ମାତା ଶକ୍ତିଙ୍କ କ୍ରୋଧରୁ ରକ୍ଷା ପାଇବା ପାଇଁ ମହର୍ଷି ମେଘା ଶରୀର ତ୍ୟାଗ କରି ଦେଇଥିଲେ । ନିଜର ତପ ବଳରେ ସେ ପୃଥିବୀରେ ସମାହିତ ହୋଇଗଲେ । ଯେଉଁଦିନ ଏହି ଅଘଟଣ ଘଟିଥିଲା, ସେଦିନ ଏକାଦଶୀ ତିଥି ଥିଲା । ବିଶ୍ୱାସ କରାଯାଏ ଯେ, ମହର୍ଷି ମେଘା ଅନ୍ନ ଭାବରେ ଜାତ ହେଲେ । ଏହି କାରଣରୁ ଅନ୍ନକୁ ଜୀବ ସଦୃଶ ଗ୍ରହଣ କରାଯାଏ । ଏକାଦଶୀ ଦିନ ଅନ୍ନ ଭୋଜନ କରିବା ଅର୍ଥ ମହର୍ଷି ମେଘାଙ୍କ ମାସ ଓ ରକ୍ତ ସେବନ କରିବା । ବୈଜ୍ଞାନିକ ଦୃଷ୍ଟି କୋଣରୁ ଏକାଦଶୀ ପାଳନ ଦ୍ୱାରା ପେଟକୁ ବିଶ୍ରାମ ମିଳେ ଓ ପାକାଗ୍ନିକୁ ସକ୍ରିୟ କରାଏ । ଫଳରେ ଅଜୀର୍ଣ୍ଣ, ଉଦରଶୂଳ, ଅଗ୍ନିମାନ୍ଦ୍ୟ ଆଦି ରୋଗରୁ ରକ୍ଷା ମିଳେ । ଏକାଦଶୀ ଦିନ ଶରୀରରେ ଜଳର ମାତ୍ରା କମ୍ ରହିବା ଦ୍ୱାରା ମନରେ ସାତ୍ତ୍ୱିକଭାବ ଜାଗ୍ରତ ହୋଇଥାଏ । ଅନ୍ନରେ ଜଳର ମାତ୍ରା ଅଧିକ ଥିବା କାରଣରୁ ଏଥିରେ ଚନ୍ଦ୍ରମାର ପ୍ରଭାବ ପଡିଥାଏ । ଏହି କାରଣରୁ ମନ ବିଚଳିତ ହୋଇଥାଏ । ତେଣୁ ଏକାଦଶୀ ଦିନ ଅନ୍ନ ଗ୍ରହଣ କରିବାକୁ ବାରଣ କରାଯାଏ ।

## କର୍ପୁରରେ ଉପଚାର



କର୍ପୁର ପୂଜାପାଠ ଓ ଭୋଗରାଗ ଆଦିରେ ବ୍ୟବହାର କରାଯାଏ । ଏହା ବ୍ୟତୀତ କର୍ପୁର ଓ ତା'ର ତେଲ ସ୍ୱାସ୍ଥ୍ୟ ପକ୍ଷେ ବେଶ୍ ଲାଭକାରୀ ହୋଇଥାଏ ।

ତ୍ୱଚାରେ ବ୍ରଣ କିମ୍ବା ଅନ୍ୟ ସମସ୍ୟା ହୋଇଥିଲେ ଅଳ୍ପ କର୍ପୁର ସହ ନଡ଼ିଆ ତେଲ ମିଶାଇ ଉକ୍ତ ସ୍ଥାନରେ ମାଲିସ୍ କରନ୍ତୁ । ଏହାଦ୍ୱାରା ତ୍ୱଚା ସମସ୍ୟା ଦୂର ହୋଇଯିବ ।

ଶରୀରର କୌଣସି ସ୍ଥାନରେ ଘା ହୋଇଥିଲେ କର୍ପୁରକୁ ପାଣିରେ ମିଶାଇ ଘା' ଉପରେ ଲଗାନ୍ତୁ । ଥଣ୍ଡା ଲାଗିବା ସହ ଘା ଦୂର ହୋଇଯିବ । ତ୍ୱଚା ପୋଡି ଯାଇଥିଲେ ଉକ୍ତ ସ୍ଥାନରେ କର୍ପୁର ଲଗାନ୍ତୁ । ପୋଡ଼ା କମିଯିବା ସହିତ ଚିହ୍ନ ହେବ ନାହିଁ ।

ଅବସାଦ ବା ଚିନ୍ତାରେ ଥିଲେ ମୁଣ୍ଡରେ କର୍ପୁର ତେଲ ମାଲିସ କରନ୍ତୁ । ଏହାଦ୍ୱାରା ମାନସିକ ଶାନ୍ତି ମିଳିବା ସହ ଚିନ୍ତା ଧୀରେ ଧୀରେ କମିବାକୁ ଲାଗିଥାଏ । କର୍ପୁର ତେଲ ଲଗାଇବା ଦ୍ୱାରା ମୁଣ୍ଡବ୍ୟଥା ମଧ ଭଲ ହୋଇଥାଏ ।

କର୍ପୁର ତେଲରେ ନଡିଆ ତେଲ ମିଶାଇ ମୁଣ୍ଡରେ ଲଗାନ୍ତୁ । ଏହାଦ୍ୱାରା କେଶ ଝଡିବା ହ୍ରାସ ହେବ । ମୁଣ୍ଡରେ ରୁପି ହୋଇଥିଲେ କର୍ପୁର ତେଲ ଲଗାଇଲେ ରୁପି ଦୂର ହୋଇଯିବ ।

ଗୋଇଠି ଫାଟିଥିଲେ ଗରମ ପାଣିରେ କର୍ପୁର ମିଶାଇ, ସେଥିରେ ପାଦ ବୁଡ଼ାନ୍ତୁ । ଏହାଦ୍ୱାରା ଫଟା ଗୋଇଠିକୁ ଆରାମ ଲାଗିବ । କିଛିଦିନ ଭିତରେ ଗୋଇଠି ଫଟା ଦୂର ହୋଇଯିବ ।

ଆଣ୍ଠୁଗଣ୍ଠି ସମସ୍ୟା ଥିଲେ କର୍ପୁର ତେଲ ମାଲିସ କରନ୍ତୁ । ଏହାଦ୍ୱାରା ଯନ୍ତ୍ରଣା ଦୂର ହୋଇଯିବ । ମାଂସପେଶୀ ଦରଜକୁ ମଧ ଏହା ଦୂର କରିବାରେ ସହାୟକ ହୋଇଥାଏ ।

## ବହୁ ହିତକାରୀ ସକାଳ ଉଷୁମ ପାଣି



ସକାଳୁ ଖାଲି ପେଟରେ ଉଷୁମ ପାଣି ପିଇଲେ ଅନେକୁ ସୁଫଳ ମିଳିଥାଏ । ଏହା ମ୍ୟୁକୋଲାଇଟିସ୍ ଭାବେ କାର୍ଯ୍ୟ କରିଥାଏ । ଏହାଦ୍ୱାରା ଫୁସ୍‌ଫୁସ୍‌ରେ ଜମିଥିବା କଫ ତରଳି ବାହାରି ଯାଇଥାଏ । ଫଳରେ କାଶରୁ ମୁକ୍ତି ମିଳେ । ଆଜମା ରୋଗୀ ସକାଳୁ ଏପରି ନିୟମିତ ଅଭ୍ୟାସ କରିବା ଭଲ ବୋଲି ଚିକିତ୍ସକମାନେ ମତପୋଷଣ କରିଥାନ୍ତି । ଉଷୁମ ପାଣି ସକାଳୁ ପିଇଲେ ରକ୍ତ ସଞ୍ଚାଳନ ଭଲ ଭାବେ ହୋଇଥାଏ । ଏହା ଯୋଗୁଁ ଶରୀର ଆରାମ ଲାଗେ । ପୁଣି ପାଚନ କ୍ରିୟା ସ୍ୱାଭାବିକ ହୋଇଥାଏ । ଫଳରେ ଖାଦ୍ୟ ସହଜରେ ହଜମ ହୋଇ କୋଷ୍ଠକାଠିନ୍ୟରୁ ମୁକ୍ତି ମିଳେ । ଏହା ଯୋଗୁଁ ଶରୀରର ରୋଗ ପ୍ରତିରୋଧକ କ୍ଷମତା ବୃଦ୍ଧି ପାଇଥାଏ । ଏହା କୋଲେଷ୍ଟ୍ରୋଲ ସ୍ତରକୁ ନିୟନ୍ତ୍ରିତ କରେ । ଆମେରିକା ଓହିଓ ବିଶ୍ୱବିଦ୍ୟାଳୟରେ ହୋଇଥିବା ଗବେଷଣାରୁ ଜଣାପଡିଛି ଯେ, ଉଷୁମ ପାଣି ଶରୀର ପାଇଁ ମହୌଷଧି ଭଳି କାର୍ଯ୍ୟ କରେ । ଶରୀରରେ ଥିବା ବିଷାକ୍ତ ପଦାର୍ଥକୁ ଏହା ବାହାର କରିବା ସହିତ ମେଦ ବହୁଳତାରୁ ଦୂରେଇ ରଖେ । ଏହା ଆଣ୍ଟି ଏଜିଂ ଭାବେ ମଧ କାର୍ଯ୍ୟ କରିଥାଏ ।

## ଲୋ ବ୍ଲଡପ୍ରେସର ଦୂର କରେ ଗାଜର


ସାଧାରଣତଃ ବ୍ଲଡପ୍ରେସରକୁ ଦୁଇ ଭାଗ ହାଇ, ଲୋ'ରେ ବିଭକ୍ତ କରାଯାଇଛି । ଯଦି ଆପଣ ଏପରି ସମସ୍ୟା ସହ ଜଡିତ ତେବେ ନିୟମିତ ସମୟ ଅନ୍ତରାଳରେ ରକ୍ତଚାପ ଚେକ୍ କରାଇ ନିଅନ୍ତୁ । ତା' ସହ ଡାକ୍ତରଙ୍କ ପରାମର୍ଶ ଅନୁସାରେ ଔଷଧ ମଧ ଖାଆନ୍ତୁ । ହେଲେ ଏପରି କେତୋଟି ଘରୋଇ ଉପଚାର ରହିଛି, ଯାହାଦ୍ୱାରା ଆପଣ ଲୋ' ବ୍ଲଡ ପ୍ରେସରକୁ ନିୟନ୍ତ୍ରଣରେ ରଖି ପାରିବେ ।



ସବୁଠାରୁ ସରଳ ଉପାୟ ହେଲା ନିଜ ଦୈନନ୍ଦିନ ଖାଦ୍ୟ ତାଲିକାରେ ଗାଜର ସାମିଲ କରନ୍ତୁ । ଆଉ ଏକ ଘରୋଇ ଉପାୟ ହେଲା କିଛି ଡାଲଚିନି ଗୁଣ୍ଡ ନେଇ ଉଷୁମ ପାଣିରେ ମିଶାଇ ପିଅନ୍ତୁ । ଏହାଦ୍ୱାରା ଲୋ' ବ୍ଲଡପ୍ରେସର କେତେକାଂଶରେ ନିୟନ୍ତ୍ରଣରେ ରହିଥାଏ । ଟମାଟୋ ରସରେ ଅଳ୍ପ ଗୋଲମରିଚ ଗୁଣ୍ଡ ଏବଂ ଅଳ୍ପ ଲୁଣ ମିଶାଇ ପିଇଲେ କିଛି ସମୟ ପାଇଁ ଏହି ରକ୍ତଚାପ ନିୟନ୍ତ୍ରଣରେ ରହିଥାଏ । ତେବେ ଯଦି ଲୋ'ପ୍ରେସର ରହିଛି ତେବେ ଏହାର ଲକ୍ଷଣ ଜାଣିବା ମାତ୍ରେ ବସି ପଡନ୍ତୁ କିମ୍ବା ବେଡ୍ ଉପରେ ଗଡି ପଡନ୍ତୁ । ହାତପାପୁଲିକୁ ମୁଠା କରି ଖୋଲନ୍ତୁ ଏବଂ ଏହି ପ୍ରକ୍ରିୟା କିଛି ସମୟ କରନ୍ତୁ । ପାଦଦ୍ୱୟକୁ ହଲାନ୍ତୁ । ଏହାଦ୍ୱାରା ଲୋ' ବ୍ଲଡପ୍ରେସରରୁ କେତେକାଂଶରେ ଉପଶମ ମିଳିଥାଏ । ତେବେ ଏପରି ସମସ୍ୟା ଥିଲେ ଅଭିଜ୍ଞ ଡାକ୍ତରଙ୍କର ସହ ପରାମର୍ଶ କରି ଚିକିତ୍ସିତ ହୁଅନ୍ତୁ ।


## ଆର୍ଥ୍ରାଇଟ୍ସ ପାଇଁ ଆଳୁ

ବୟସ ବୃଦ୍ଧି ସହିତ ଅଧିକାଂଶ ସମୟରେ ଦେଖାଯାଏ ଆଣ୍ଠୁଗଣ୍ଠି ରୋଗ କରାଳକୁ ଲୋକେ ଚାଲିଯାନ୍ତି । ଏ ରୋଗରେ କେବଳ ଭାରତୀୟ ନୁହନ୍ତି ବରଂ ବିଶ୍ୱର ଅନେକ ଲୋକ ପୀଡିତ । ଯେମିତି ଯେମିତି ଏ ରୋଗ ବର୍ଦ୍ଧି ଚାଲେ, ମଣିଷ ପକ୍ଷେ ଚାଲିବା ବୁଲିବା କଷ୍ଟକର



ହୋଇପଡେ । ଗଣ୍ଠି ରୋଗର ସବୁଠୁ ଅଧିକ ପ୍ରଭାବ ଆଣ୍ଠୁ ଏବଂ ଅଣ୍ଟା ମେରୁଦଣ୍ଡ ଉପରେ ପଡିଥାଏ । ଏହାଛଡ଼ା ହାତ ଆଙ୍ଗୁଠି, କହୁଣୀ, ଜଂଘ ଏବଂ ପାଦ ମଧ ପ୍ରଭାବିତ ହୋଇଥାଏ । ବିଶେଷଜ୍ଞଙ୍କ ମତରେ, ଦେଶର ୧୫ କୋଟିରୁ ଊର୍ଦ୍ଧ୍ୱ ଲୋକ ଏବେ ଏହି ରୋଗରେ ପୀଡିତ । ଯେଭଳି ଭାବେ ରୋଗ ବଢ଼ିଚାଲିଛି, ଅନୁମାନ ହେଉଛି ଆସନ୍ତା କିଛି ବର୍ଷରେ ଅର୍ଥ୍ରାଇଟ୍ସ ଲୋକଙ୍କୁ ଶାରୀରିକ ରୂପେଅପଙ୍ଗ କରିବାର ଚତୁର୍ଥ ପ୍ରମୁଖ କାରଣ ପାଲଟିବ । ଏଥିରୁ ରକ୍ଷା ପାଇବାକୁ ଅନେକ ପ୍ରକାରର ଚିକିତ୍ସା ପଦ୍ଧତି ଅବଲମ୍ବନ କରାଯାଉଛି । କେଉଁଥିରୁ ଆରାମ ମିଳୁଥିବା ବେଳେ କେଉଁଥିରୁ ଆଦୌ ଉପଶମ ହେଉନାହିଁ । କିନ୍ତୁ ଜାଣନ୍ତି, ଏ ରୋଗର ଯନ୍ତ୍ରଣା ଲାଘବ କରିବାରେ ଆଳୁ ବେଶ୍ ଲାଭପ୍ରଦ । କଞ୍ଚା ଆଳୁ ରସକୁ ଅର୍ଥାଇଟ୍ସ ଚିକିତ୍ସା କ୍ଷେତ୍ରରେ ବେଶ୍ ଉତ୍ତମ ବୋଲି କୁହାଯାଇଛି ।

## ଦେହକୁ ହିତ କାକୁଡି



ସାଲାଡ୍ ବିନା ଖାଦ୍ୟ ଅସମ୍ପୂର୍ଣ୍ଣ । ଖାଇବା ଆଗରୁ ବା ପରେ ସାଲାଡ୍ ନ ଖାଇଲେ କିଛି ଗୋଟେ ବାକି ରହିଗଲା ପରି ଲାଗେ । ପୁଣି କାକୁଡି ବିନା ସାଲାଡ୍ ଅସମ୍ପୂର୍ଣ୍ଣ । କାକୁଡି ଆମ ଶରୀର ପାଇଁ କେତେ ଉପକାରୀ ତାହା ସମସ୍ତେ ଜାଣନ୍ତି । ହେଲେ ଏଥିରେ କି.କି ପୋଷକ ତତ୍ତ୍ୱ ଖାଦ୍ୟସାର ଓ ଖଣିଜ ରହିଛି ତାହା ଅଧିକାଂଶ ଲୋକ ଜାଣି ନ ଥିବେ ।

ଆମ ଶରୀରର ଇନଫ୍ଲାମେଟୋରି ରେସପନସକୁ କାକୁଡି ଥଣ୍ଡା କରିବା ସହ ଏଞ୍ଜାଇମର ଗତିବିଧିକୁ ନିୟନ୍ତ୍ରଣ କରେ, ତେଣୁ ଗ୍ରୀଷ୍ମଋତୁ ପାଇଁ ଏହା ଏକ ଉତ୍ତମ ଖାଦ୍ୟ ।

ଏଥିରେ ଏକାଧିକ ଆଣ୍ଟିଅକ୍ସିଡାଣ୍ଟ ତତ୍ତ୍ୱ ସହିତ ଭିଟାମିନ୍ ସି' ଓ ବିଟା କେରୋଟିନ୍ ପ୍ରଚୁର ମାତ୍ରାରେ ଥାଏ ଯାହା ଶରୀର ପାଇଁ ଅତ୍ୟନ୍ତ ଜରୁରୀ ।

ମୁହଁରୁ ଦୁର୍ଗନ୍ଧ ବାହାରୁଥିଲେ ଗୋଟିଏ ଟୁକୁଡା କାକୁଡି କିଛି ସମୟ ପାଇଁ ପାଟିରେ ରଖନ୍ତୁ । ଦୁର୍ଗନ୍ଧ ଦୂର ହେବ ।

ଏଥିରେ ଭିଟାମିନ୍ ସି' ସହିତ ଭିଟାମିନ୍ ବି-୧, ବି-୫, ବି-୭ ରହିଛି । ତେଣୁ ନିୟମିତ କାକୁଡି ଖାଇଲେ ଦୁଶ୍ଚିନ୍ତା ଦୂର ହେବ ।

କାକୁଡିରେ ଥିବା ପ୍ରଚୁର ପରିମାଣର ପାଣି ଓ ଫାଇବର ପାଚନକ୍ରିୟାକୁ ସହଜ କରେ ଏବଂ ଖାଦ୍ୟ ଶୀଘ୍ର ହଜମ କରିବାରେ ସହାୟକ ହୁଏ ।

ଏଥିରେ ଥିବା ଆଣ୍ଟିଇନଫ୍ଲାମେଟୋରି ଫ୍ଲେବୋନୋଲ ସ୍ମୃତିଶକ୍ତି ବୃଦ୍ଧି କରିବା ସହ ମସ୍ତିଷ୍କ ସୁସ୍ଥ ରଖିବାରେ ସହାୟକ ହୁଏ ।

ଏସିଡିଟି ହେଉଥିଲେ ଗୋଟେ ଗ୍ଲାସ କାକୁଡି ରସ ପିଅନ୍ତୁ, ଆରାମ ମିଳିବ । ଏସିଡ ରିଫ୍ଲକ୍ସରେ ପୀଡିତ ବ୍ୟକ୍ତି ନିୟମିତ କାକୁଡି ରସ ପିଇବା ଉଚିତ । ସନବର୍ଣ୍ଣରୁ ରକ୍ଷା ପାଇବା ପାଇଁ କାକୁଡି ରସ ବ୍ୟବହାର କରାଯାଇ ପାରେ ।

ପ୍ରତିଦିନ କାକୁଡି ଖାଇଲେ ଦେହରେ ଥିବା ୟୁରିକ୍ ଏସିଡର ସ୍ତର ହ୍ରାସ ପାଏ । ମଧୁମେହ ଓ ରକ୍ତଚାପ ନିୟନ୍ତ୍ରିତ ହୁଏ ।

## ରୋଗପ୍ରତିରୋଧକ ଶକ୍ତି ବଢ଼ାଏ ବରକୋଳି

ବରକୋଳିରେ ରହିଛି ଅନେକ ପ୍ରକାର ଔଷଧୀୟ ଗୁଣ । ଏହା ଶରୀରକୁ ସୁସ୍ଥ ରଖିବା ସହ ଆବଶ୍ୟକ ମାତ୍ରାରେ ପାଣି ଶରୀରକୁ ଯୋଗାଇ ଥାଏ । ଶରୀରରେ ରକ୍ତ ପ୍ରବାହକୁ ନିୟନ୍ତ୍ରଣ କରିଥାଏ । କେବଳ ଏତିକି ନୁହେଁ ବରକୋଳିରେ ମଧ ଅନ୍ୟାନ୍ୟ ବହୁ ପ୍ରକାରର ଔଷଧୀୟ ଗୁଣ ରହିଛି ଯାହା ଶରୀରକୁ ବିଭିନ୍ନ ଉପାୟରେ ସୁସ୍ଥ ରଖିଥାଏ ।

**ଆଣ୍ଟିଅକ୍ସିଡାଣ୍ଟ ଗୁଣ :** ବରକୋଳିରେ ପ୍ରଚୁର ମାତ୍ରାରେ ଆଣ୍ଟିଅକ୍ସିଡାଣ୍ଟ ଗୁଣ ରହିଛି । ଏହା ତ୍ୱଚାକୁ ସଫା କରିବା ସହ ଆଣ୍ଟିଏଜିଂରୁ ଦୂରେଇ ରଖେ । ଏହା ରକ୍ତକୁ ଶୁଦ୍ଧ କରିଥାଏ । ସନବର୍ଣ୍ଣ, ଶୁଖିଲା ତ୍ୱଚା କିମ୍ବା ସଂକ୍ରମଣ ହୋଇ ତ୍ୱଚା ଲାଲ୍ ପଡିଯାଇଥିଲେ ଚାଇନିଜମାନେ ଏହାକୁ ଏକ ହର୍ବାଲ ଔଷଧୀ ଭାବରେ ବ୍ୟବହାର କରନ୍ତି ।

**ଚିନ୍ତାରୁ ମୁକ୍ତି:** ଶରୀରକୁ ଚିନ୍ତାରୁ ଦୂରେଇ ରଖିବା ଭଳି ଗୁଣ ବରକୋଳିରେ ଅଛି । ଏହାକୁ ନିୟମିତ ଖାଇବା ଦ୍ୱାରା ସ୍ନାୟୁକୁ ଆରାମ ମିଳିବା ସହ ଚିନ୍ତା ଦୂରେଇ ଯାଏ ।

**ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି :** ବରକୋଳି ଖାଇବା ଦ୍ୱାରା ଏଥିରେ ଥିବା ଆଣ୍ଟି ଅକ୍ସିଡାଣ୍ଟ ଗୁଣ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବା



ସହ ଶରୀରକୁ ବିଭିନ୍ନ ପ୍ରକାର ସଂକ୍ରମଣରୁ ରକ୍ଷା କରିଥାଏ ।

**ସୁସ୍ଥ ଲିଭର :** ବରକୋଳିରେ ଆଣ୍ଟି ଅକ୍ସିଡାଣ୍ଟ ଗୁଣ ଥିବାରୁ ଏହା ଲିଭରକୁ ସୁସ୍ଥ ରଖିବାରେ ସହାୟକ ହୋଇଥାଏ । ଏତଦ୍‌ବ୍ୟତୀତ ଏହାର ଆଣ୍ଟି ଅକ୍ସିଡାଣ୍ଟ ଗୁଣ ଶରୀରର ମୁକ୍ତ କଣାକୁ ଆକର୍ଷିତ କରିବା ସହ ଲିଭର ଉପରେ ପଡୁଥିବା ପ୍ରଭାବକୁ ପ୍ରତିରୋଧ କରିଥାଏ ।

**ଓଜନ ନିୟନ୍ତ୍ରଣ:** ଓଜନ କମ୍ କରିବାକୁ ଚାହୁଁଥିଲେ ବରକୋଳି ଏକ ଉତ୍ତମ ଫଳ । ଏଥିରେ କ୍ୟାଲୋରୀର ମାତ୍ରା ବହୁ କମ୍ ପରିମାଣରେ ଥିବା ବେଳେ ଫ୍ୟାଟର ମାତ୍ରା ମଧ କମ୍ ରହୁଛି । ପ୍ରତି ୪ ଟି ବରକୋଳିରେ ୧/୨ ଗ୍ରାମ୍‌ର ପ୍ରୋଟିନ ଶରୀରକୁ ମିଳିଥାଏ । ସେଓ ଭଳି ଏହାକୁ ପ୍ରତିଦିନ ଗୋଟାଏ ଲେଖାଏଁ ଖାଇବା ଦ୍ୱାରା ଏହା ଡାଏଟ୍ କଣ୍ଟ୍ରୋଲ କରିବା ସହ ଅଣ୍ଟାରୁ ଚର୍ବି କମ୍ କରିଥାଏ ।

**ମଜଭୁତ ଦାନ୍ତ, ହାଡ଼ ଏବଂ ମାଂସପେଶୀ:** ବରକୋଳିରେ ପ୍ରଚୁର ମାତ୍ରାରେ ଫସ୍‌ଫରସ, କ୍ୟାଲସିୟମ ଏବଂ ଆଇରନ ରହିଛି । ଏହା ହାଡ଼ ସହିତ ଦାନ୍ତକୁ ବି ମଜଭୁତ କରିଥାଏ । ମାଂସପେଶୀକୁ ସୁସ୍ଥ ରଖିବାରେ ମଧ ଏହା ସହାୟକ ହୋଇଥାଏ ।

**ସୁସ୍ଥ ପାଚନ ପ୍ରକ୍ରିୟା:** ସମୟ ସମୟରେ କିଛି ଖାଦ୍ୟ ଖାଇବା ଦ୍ୱାରା ସହଜରେ ହଜମ ହୋଇପାରି ନ ଥାଏ । ଯାହାଦ୍ୱାରା ଭୋକ ନ ଲାଗିବା ସହ ଆମ୍ବିଳା ହେକୁଡି ଆସିବା ଭଳି ସମସ୍ୟାମାନ ଦେଖା ଦେଇଥାଏ । ବରକୋଳିକୁ ଶୁଖାଇ ଖାଇବା ଦ୍ୱାରା ଏଭଳି ସମସ୍ୟାରୁ ମୁକ୍ତି ମିଳିଥାଏ । ଏହା ସହିତ ଠିକ୍ ଭାବରେ ଭୋକ ଲାଗିଥାଏ ।

# ରାମକଥା



ଭଗବାନ ଶଙ୍କର ପାର୍ବତୀମାତାଙ୍କୁ ରାମ- କଥା କହୁଛନ୍ତି । ଭଗବାନ ଶଙ୍କର କହୁଛନ୍ତି ଦେବୀ ! ଯେଉଁ କଥା କାକଭୁଶୁଣ୍ଡି ଗରୁଡ଼ଙ୍କୁ କହିଥିଲେ ତାହା କେବଳ ମୁଁ ତୁମକୁ ଶୁଣାଉଛି । ଏହି ଦିବ୍ୟ କଥା ଶୁଣି ଗରୁଡ଼ଙ୍କର ମୋହ ନଷ୍ଟ ହୋଇ ଯାଇଥିଲା ।

ରାମ - କଥା ଶୁଣି ଶୁଣି ପାର୍ବତୀଙ୍କର ମନ ତୃପ୍ତ ହେଉ ନ ଥାଏ । ସେ ଆହୁରି ଅଧିକ କିଛି ଶୁଣିବା ପାଇଁ ମନ ବଳାଇଥାନ୍ତି । ପାର୍ବତୀ ପଚାରିଲେ, ପ୍ରଭୁ ! କାକଭୁଶୁଣ୍ଡିଙ୍କୁ ଏହି ରାମ -କଥା କିଏ କହିଥିଲେ ? ଗରୁଡ଼ଙ୍କର ମୋହ କିପରି ଉତ୍ପନ୍ନ ହେଲା, ଆଉ କିପରି ନଷ୍ଟ ହେଲା ? ଗରୁଡ଼ ପରା ପରମାତ୍ମାଙ୍କର ବାହନ !

ପାର୍ବତୀଙ୍କର ଏପରି ସୁନ୍ଦର ପ୍ରଶ୍ନ ଶୁଣି ଭଗବାନ ଶିବ ଆନନ୍ଦ ଲାଭ କଲେ । ଶିବ ପାର୍ବତୀଙ୍କୁ କାକ ଭୁଶୁଣ୍ଡି ପ୍ରସଙ୍ଗ କହିବା ଆରମ୍ଭ କଲେ । କାକଭୁଶୁଣ୍ଡିଙ୍କର ମହିମା କିଏ ବର୍ଣ୍ଣନା କରିପାରିବ ! ହିମାଳୟ ପାଖରେ ନୀଳାଚଳ ନାମକ ଏକ ପର୍ବତ ଅଛି । କାକ ଭୁଶୁଣ୍ଡି ଏହିଠାରେ ରହିଥାନ୍ତି । ତାଙ୍କ ଆଶ୍ରମ ଦିବ୍ୟ । କଳିଯୁଗ ସେଠାରେ ପ୍ରବେଶ କରିପାରେ ନାହିଁ । ନୀଳ ପର୍ବତର ଚାରିଟି ଶୃଙ୍ଗ ଶିଖର ଅଛି । ପ୍ରତ୍ୟେକ ଶିଖରରେ ଗୋଟିଏ ଗୋଟିଏ ବୃକ୍ଷ ଅଛି । ଗୋଟିଏ ଶିଖରରେ ବଟ, ଦ୍ୱିତୀୟଟିରେ ପିପ୍ପଳ, ତୃତୀୟରେ ଡିମିରି, ଆଉ ଚତୁର୍ଥ ଶିଖରରେ ଆମ୍ବ ବୃକ୍ଷ ଅଛି ।

ପିପ୍ପଳ ବୃକ୍ଷମୂଳରେ ବସି କାକଭୁଶୁଣ୍ଡି ତିନି ଘଣ୍ଟା ଶ୍ରୀରାମଙ୍କର ଧ୍ୟାନ କରନ୍ତି । ଏହାପରେ ଆମ୍ବ ବୃକ୍ଷ ମୂଳରେ ବସି ତିନିଘଣ୍ଟା ଶ୍ରୀ ସୀତାରାମଙ୍କର ମାନସ ସେବା କରନ୍ତି । ମାନସୀ ସେବା କରୁଥିବା ସମୟରେ ସାମାନ୍ୟ ମାତ୍ର ଲୌକିକ ଚିନ୍ତା ଯେପରି ମନରେ ପ୍ରବେଶ ନ କରେ ସେଥିପ୍ରତି ବିଶେଷ ଧ୍ୟାନ ଦେବା ଦରକାର । ମନର ଧାରଣା ନିରବଚ୍ଛିନ୍ନ ଭାବରେ ପରମାତ୍ମାଙ୍କର ପାଦପଦ୍ମରେ ଆବଦ୍ଧ ରହିଥିବା ଦରକାର । କାକଭୁଶୁଣ୍ଡି ମାନସୀ ସେବାରେ ଭଗବାନଙ୍କର ଶୃଙ୍ଗାର କରନ୍ତି, ପୁଷ୍ପମାଳା ଅର୍ପଣ କରନ୍ତି, ସହସ୍ର ନାମ ପାଠ କରି ତୁଳସୀ ଅର୍ପଣ କରନ୍ତି । ପ୍ରଥମ ତିନି ଘଣ୍ଟା ଧ୍ୟାନ ତା' ପରେ ତିନିଘଣ୍ଟା ମାନସୀ ସେବା ।

ଏହାପରେ ତିନିଘଣ୍ଟା ଡିମିରି ବୃକ୍ଷମୂଳରେ ବସି ଶ୍ରୀରାମ ନାମ ଜପ କରନ୍ତି । ଏହାପରେ ତିନିଘଣ୍ଟା ବଡ଼ ବୃକ୍ଷମୂଳରେ ବସି ରାମ କଥା କହନ୍ତି । ସେତେବେଳେ କଥା ଶ୍ରବଣ କରିବାକୁ ଅନେକ ପ୍ରକାର ପକ୍ଷୀ ସେଠାକୁ ଆସନ୍ତି । କାକଭୁଶୁଣ୍ଡି ଦିନ ତମାମ ଭକ୍ତିରେ ଲୀନ ରହିଥାନ୍ତି । କଥା, କୀର୍ତ୍ତନ, ଧ୍ୟାନ, ଜପ ଆଉ ସେବାରେ ହିଁ ଲାଗି ରହିଥାନ୍ତି । ତାଙ୍କ ଆଶ୍ରମରେ ମାୟା ପ୍ରବେଶ କରେ ନାହିଁ ।

ଭକ୍ତିରେ ଆନନ୍ଦ ନ ଆସିଲେ ବି ଭକ୍ତି ଛାଡିବା ଉଚିତ ନୁହେଁ । ଭକ୍ତିରେ ଆନନ୍ଦ ନ ମିଳିଲେ ଜୀବ ଭକ୍ତି ଛାଡିଦେଇ ବିଷୟାନନ୍ଦ ଆଡ଼କୁ ମୁହାଁଏ । ଭକ୍ତିରେ ଏତେ ଶୀଘ୍ର ଆନନ୍ଦ ଆସେ ନାହିଁ । କିନ୍ତୁ ଆନନ୍ଦ ଥରେ ଆସିଗଲେ ସେ ସ୍ଥିର ସ୍ଥାୟୀ ହୋଇଯାଏ । ବିଷୟାନନ୍ଦ ଶୀଘ୍ର ମିଳେ, ଆଉ ଏହାର ବିନାଶ ବି ଶୀଘ୍ର ହୋଇଥାଏ ।

ଭୁଶୁଣ୍ଡକାକ ଚାରି ବୃକ୍ଷ ମୂଳରେ ଚାରି ଯୁଗର ଧର୍ମାଚରଣ କରୁଥିଲେ ।

ସତ୍ୟଯୁଗର ଧର୍ମ ହେଉଛି ଧ୍ୟାନ, ତ୍ରେତାଯୁଗର ଧର୍ମ ଯଜନ ପୂଜନ, ଦ୍ୱାପର ଯୁଗର ଧର୍ମ ସେବା, ଆଉ କଳିଯୁଗର ଧର୍ମ ନାମ କୀର୍ତ୍ତନ । କାକଭୁଶୁଣ୍ଡି ଧ୍ୟାନ କରୁଥିଲେ, ପୂଜା କରୁଥିଲେ, ସେବା କରୁଥିଲେ, ଜପ ଯଜ୍ଞ କରୁଥିଲେ, ଆଉ କଥା କୀର୍ତ୍ତନ କରୁଥିଲେ । ଯଜ୍ଞରେ ମନ୍ତ୍ର- ଶୁଦ୍ଧି, ଦ୍ରବ୍ୟ ଶୁଦ୍ଧି, ଦେଶ ଶୁଦ୍ଧି, ଆସନ ଶୁଦ୍ଧି ଆଉ ଦେହ ଶୁଦ୍ଧି ହୋଇଥାଏ । ପ୍ରତ୍ୟେକ ଯଜ୍ଞରେ କିଛି ନା କିଛି ଭୁଲ ହୋଇଯାଏ । ଏଥିପାଇଁ ପ୍ରାୟଶ୍ଚିତ କରିବାକୁ ପଡେ । ଜପ ଯଜ୍ଞରେ ପ୍ରାୟଶ୍ଚିତ ହୁଏ ନାହିଁ । ରାମ ନାମର ଜପ ଏହା ହେଉଛି ମହାନ୍ ଯଜ୍ଞ ।

ଥରେ କାକଭୁଶୁଣ୍ଡି ନୀଳାଚଳ ପର୍ବତରେ ବିରାଜମାନ କରୁଥିଲେ । ଦକ୍ଷ ପ୍ରଜାପତିଙ୍କ ଯଜ୍ଞରେ ସତୀଦେବୀ ଯୋଗାଗ୍ନି ଦ୍ୱାରା ନିଜକୁ ଭସ୍ମ କରିଦେବା ପରେ ଭଗବାନ ଶଙ୍କର ଭ୍ରମଣ କରି କରି ହଂସ ରୂପରେ ଭୁଶୁଣ୍ଡକାକଙ୍କ ଆଶ୍ରମକୁ ଆସିଥିଲେ, ଆଉ ସେଠାରେ ସେ ରାମ କଥା ଶ୍ରବଣ କଲେ ।

ଥରେ ଗରୁଡ଼ଙ୍କର ମୋହ ହୋଇଯାଇଥିଲା । ଏହି ପ୍ରସଙ୍ଗ ପୂର୍ବେ ବର୍ଣ୍ଣନା କରା ହୋଇଛି । ଲଙ୍କା ଯୁଦ୍ଧରେ ଇନ୍ଦ୍ରଜିତ ନାଗପାଶରେ ଶ୍ରୀରାମ ଲକ୍ଷ୍ମଣଙ୍କୁ ବନ୍ଧନରେ ପକାଇ ଦେଇଥିଲା । ନାରଦଙ୍କ କଥାରେ ଗରୁଡ଼ ଯୁଦ୍ଧ ଭୂମିରେ ପହଞ୍ଚିବା ସଙ୍ଗେ ସଙ୍ଗେ ସାପଗୁଡିକ ଭୟଭୀତ ହୋଇ ଇତସ୍ତତଃ ପ୍ରାଣବିକଳରେ ପଳାୟନ କଲେ । ଶ୍ରୀରାମ ଲକ୍ଷ୍ମଣ ନାଗପାଶ ମୁକ୍ତ ହୋଇଗଲେ । ସେତେବେଳେ ଶ୍ରୀରାମ ପରମାତ୍ମା କିପରି ବୋଲି ଗରୁଡ଼ଙ୍କ ମନରେ ସନ୍ଦେହ ଉପୁଜିଲା । ସେ ସେତେବେଳେ ଭାବିଲେ ଇଏ ଯଦି ପରମାତ୍ମା ତେବେ ଇଏ ବନ୍ଧନରେ କିପରି ପଡିଲେ ?

ସଗୁଣ ସାକାର ପରମାତ୍ମାଙ୍କର ଲୀଳା ଦେଖି ଦେବତାମାନେ ବି ବିମୋହିତ ମହୋଗ୍ରସ୍ତ ହୋଇଯାଆନ୍ତି । ଗରୁଡ଼ ସେତେବେଳେ ଭାବିଲେ ଯେ, ଶ୍ରୀରାମ ପରମାତ୍ମା ନୁହନ୍ତି । ଅନ୍ୟ କେହି ହୋଇଥିବେ । ପରମାତ୍ମା ହୋଇଥିଲେ ବନ୍ଧନମୁକ୍ତ ହେବା ପାଇଁ ମୋର ଆବଶ୍ୟକତା ପଡି ନ ଥାନ୍ତା ।

ଭାଗବତରେ ଗୋପଲୀଳା ପ୍ରସଙ୍ଗରେ ଗୋ ବତ୍ସା ହରଣ କଥା ଅଛି । ଏହି ସମୟରେ ଶ୍ରୀକୃଷ୍ଣ ବଣଭୋଜିରେ ବସି ମଧୁମଙ୍ଗଳ ତଥା ଅନ୍ୟ ଗୋପାଳ ବାଳକମାନଙ୍କ ସହିତ ଯେଉଁ ଲୀଳା କରୁଥିଲେ ତାହା ଦେଖି ବ୍ରହ୍ମା ମୋହରେ ପଡି ଯାଇଥିଲେ । ଏହି କଥା ଅତି ଦିବ୍ୟ, ଅତି ସୁନ୍ଦର ।

ମଣିଷଙ୍କୁ ଆକର୍ଷିତ କରିବା ପାଇଁ ପରମାତ୍ମା ମଣିଷଙ୍କ ଭଳି ଲୀଳା କରିଥାନ୍ତି । ଶ୍ରୀରାମଙ୍କର ଲୀଳା ହେଉଛି ଶ୍ରୀରାମଙ୍କର ଅନୁଗ୍ରହ । ହେଲେ, ପୂର୍ବେ ସତୀଦେବୀଙ୍କର ଯେପରି ମୋହ ହୋଇଥିଲା, ସେପରି ମୋହ ଗରୁଡ଼ଙ୍କର ବି ହୋଇ ଯାଇଥିଲା । ଗରୁଡ଼ ନାରଦଙ୍କ ପାଖକୁ ଗଲେ ଆଉ ନିଜର ସନ୍ଦେହ ପ୍ରକାଶ କରି କହିଲେ, ଶ୍ରୀରାମ ପରମାତ୍ମା ହୋଇ ନ ପାରନ୍ତି । ଗରୁଡ଼ଙ୍କର ଏପରି କଥା ଶୁଣି ନାରଦ ହସିବାରେ ଲାଗିଲେ । ସଗୁଣ ପରମାତ୍ମାଙ୍କର ଅପୂର୍ବ ଲୀଳାର ବିଚାର ମଣିଷ ତାର ଅଳ୍ପ ବୁଦ୍ଧିରେ କରେ । ନିଜର ବୁଦ୍ଧି ଦୋଷର ଆରୋପ ସେ ପରମାତ୍ମାଙ୍କ ଉପରେ ଲଗାଏ ।

ନାରଦ ଗରୁଡ଼ଙ୍କୁ କହିଲେ ତୁମେ ଏହି କଥା ବ୍ରହ୍ମାଙ୍କୁ ପଚାରି ସନ୍ଦେହମୁକ୍ତ ହୁଅ । ଗରୁଡ଼ ବ୍ରହ୍ମାଙ୍କୁ ପଚାରିଲେ । ବ୍ରହ୍ମା ହସିଲେ ଭାବିଲେ ଆଜି ଗରୁଡ଼ ଭ୍ରମରେ ପଡିଯାଇଛି । ସେ ଗରୁଡ଼ଙ୍କୁ କହିଲେ 'ଶ୍ରୀରାମଙ୍କ ସ୍ୱରୂପ ତ ଭଗବାନ ଶଙ୍କର ଭଲଭାବରେ ଜାଣିଛନ୍ତି । ତୁମେ ଶିବଙ୍କ ପାଖକୁ ଯାଅ । ସେ ତୁମର ସନ୍ଦେହ ମୋଚନ କରିଦେବେ ।

ଏଥର ଗରୁଡ଼ କୈଳାସକୁ ଗଲେ । ସେ ଶିବଙ୍କୁ ପ୍ରଣାମ କରି ନିଜର ସନ୍ଦେହ ପଚାରିଲେ । ଶିବ ମନେ ମନେ ଭାବିଲେ, ଯାକୁ ଅଭିମାନଜନିତ ମୋହ ହୋଇଯାଇଛି । ଗରୁଡ଼ ହେଉଛି ପକ୍ଷୀ । ଆଉ କାକଭୁଶୁଣ୍ଡି ହେଉଛି ପକ୍ଷୀ । ପକ୍ଷୀର ଭାଷା ପକ୍ଷୀ ଉତ୍ତମ ରୂପେ ହୃଦୟଙ୍ଗମ କରିପାରିବ । ଏପରି ମନେ ମନେ ସ୍ଥିର କରି ଭଗବାନ ଶଙ୍କର ଗରୁଡ଼ଙ୍କୁ କହିଲେ 'ନୀଳାଚଳ ପର୍ବତରେ କାକଭୁଶୁଣ୍ଡି ପ୍ରତ୍ୟହ ଶ୍ରୀରାମ କଥା କହୁଛନ୍ତି । ତୁମେ ସେଠାକୁ ଯାଅ । ତୁମର ସକଳ ପ୍ରକାର ସନ୍ଦେହ ଦୂର ହୋଇଯିବ ।


# ସ୍ୱର୍ବେଦ

**ଅରଣ୍ୟ ହିମାଳୟ କି ଗୁହା, ସନ୍ତ ଏକାନ୍ତ ନିବାସ ।**
**ସର୍ବୋତ୍ତମ ନିର୍ବିଘ୍ନ ହୈ, ସାଧନ ସୁଗମ ବିକାଶ । (୫୩)**

ଭାଷ୍ୟ : ହିମାଳୟ ପର୍ବତର ଅରଣ୍ୟ ଗୁହାରେ ସନ୍ଥଜନ ଏକାକୀ ନିବାସ କରନ୍ତି । ତାହା ପ୍ରତ୍ୟେକ ପ୍ରକାରର ସଂସାରୀ ବିଷମାନଙ୍କ ରହିତ ସ୍ଥାନ ଅଟେ, ଯେଉଁଠି ଯୋଗାଭ୍ୟାସ ସାଧନର ବିକାଶ ପାଇଁ ସୁଗମତା ପ୍ରାପ୍ତି ହୁଏ । ନିର୍ବିଘ୍ନ ସ୍ଥାନ ହୋଇଥିବାରୁ ସାଧନ ସରଳତାରୁ ଆରମ୍ଭ ହୋଇ ପୂର୍ଣ୍ଣ ହୁଏ । ଯୋଗୀ, ତପସ୍ୱୀ ଓ ବିତରାଗୀ ପୁରୁଷ ମାନଙ୍କ ପାଇଁ ଏକାନ୍ତ ଅମୃତ ଅଟେ, ତେବେ ରାଗୀ, ଭୋଗୀ ଏବଂ ସଂସାରୀ ବିଜୟାସକ୍ତ ପୁରୁଷ ମାନଙ୍କ ପାଇଁ ଏକାନ୍ତ ସ୍ଥାନ ବିଷତୁଲ୍ୟ ଅଟେ । ସଂସାରୀ ପୁରୁଷମାନଙ୍କ ପାଇଁ ଏକାନ୍ତରେ ଭଜନ କରିବା ସବୁବେଳେ ବର୍ଜିତ ଅଟେ । ସଂସାରୀ ପୁରୁଷମାନଙ୍କ ଏକାନ୍ତ ନିବାସ ତାଙ୍କ ପାଇଁ ଅଧୋପତନର ଏକ କାରଣ ଅଟେ । ଏଥିପାଇଁ ଯୋଗୀ ପୁରୁଷ ହିଁ, ଯେ ବିତରାଗୀ ଅଟନ୍ତି ହିମାଳୟ କିମ୍ବା ଅରଣ୍ୟର ଗୁମ୍ଫାରେ ରହି ନିଜର ତପସ୍ୱୀ ଜୀବନରୁ ଅମୃତ ଲାଭ କରନ୍ତି ।

**ମମ ସଦଗୁରୁ ଆଦେଶ ହୈ, ଦେହ ତ୍ୟାଗୁ ଅଭିମାନ ।**
**ଝୁଲୋ ସଦା ସୁଖ ସିନ୍ଧୁ ମେଁ, ଅନ୍ତର ଅନୁଭବ ଜ୍ଞାନ । (୫୪)**

ଭାଷ୍ୟ : ମୋତେ ସଦଗୁରୁଙ୍କ ଆଦେଶ ଅଛି କି ସମଗ୍ର ଦେହ ସଂଘାତର ଅଭିମାନ ତ୍ୟାଗ କରି ଆନନ୍ଦ ସାଗର ଶବ୍ଦାଧାର ଚେତନ ଡୋରୀ ଧରି ସର୍ବଦା ଝୁଲି ରହ । ତେବେ ଅନନ୍ତ ଅନୁଭବ ତତ୍ତ୍ୱର ଜ୍ଞାନ ପ୍ରାପ୍ତ ହେବ । ଯେତେବେଳ ପର୍ଯ୍ୟନ୍ତ ଦେହାଭିମାନ ଯୋଗୀ ଠାରୁ ଛାଡେ ନାହିଁ, ସେତେବେଳ ପର୍ଯ୍ୟନ୍ତ ବାସ୍ତବିକ ସୁଖ ଶାନ୍ତି ପ୍ରାପ୍ତି ହୁଏ ନାହିଁ । ଏଥିପାଇଁ ଦେହ ମହତ୍ତ୍ୱ ଛାଡିଗଲେ ଅନ୍ତର ଅନୁଭବରେ ଚେତନ ସୁଖ ସାଗରର ପ୍ରବାହ ଧାର ପ୍ରାପ୍ତ ହୁଏ ଏବଂ ସେଥିରେ ଯୋଗୀ ତଲ୍ଲୀନ ହୋଇ ବ୍ରହ୍ମାନନ୍ଦ ସୋମରସକୁ ପାନ କଲେ । ଏହା ଏହି ଦୋହାର ସ୍ପଷ୍ଟ ଅର୍ଥ ଅଟେ କି, ଯାହାକୁ ନିତ୍ୟ, ଅନାଦି ସଦଗୁରୁ ଗ୍ରନ୍ଥ ରଚୟିତା ସଦଗୁରୁ ଦେବଙ୍କୁ ଉପଦେଶ ଦେଇଛନ୍ତି ।




**ମନ ମାରେ ମନ ଜୀତ ହୈ, ପଙ୍ଗୁ ଆତମା ହୋୟ ।**
**ଗନ୍ତି ପନ୍ଥ ସଂସାର କେ, ପଙ୍ଗୁ କବନ ବିଧି ହୋୟ । (୫୫)**

ଭାଷ୍ୟ : ମନ ମଲେ ଯୋଗୀ ମନସ୍ୱୀ ଅର୍ଥାତ ମନର ସ୍ୱାମୀ ହୋଇଯାନ୍ତି । ମନରେ ନ ରହିଲେ ଆତ୍ମାର ଜ୍ଞାନ ଧାରା ବାହାରକୁ ପ୍ରବାହିତ ହୁଏ ନାହିଁ । ଏଥିପାଇଁ ଆତ୍ମା ପଙ୍ଗୁ ହୋଇଯାଏ । ସଂସାର ମାର୍ଗରେ ଗମନ କଲେ ଆତ୍ମା କିପରି ପଙ୍ଗୁ ହୋଇ ପାରିବ ? ଏଥିପାଇଁ ଯୋଗରେ ସାଧନା ଦ୍ୱାରା ବହିର୍ମୁଖି ଶକ୍ତିକୁ ଅନ୍ତର୍ମୁଖ କରି ଗୋଟିଏ ବିଶିଷ୍ଟ ଭୂମିକୁ ପହଞ୍ଚାଇ ଦେଲେ ମନର ବାହ୍ୟ ଶକ୍ତି ଅଟକି ଯାଏ ଓ ମନର ଶାନ୍ତ, ଲୟ ହୋଇ ଗଲେ ଆତ୍ମାର ପ୍ରକୃତି ପ୍ରବାହ କରିବା ବାଲା ସାଧନ ନ ହେବାରୁ ଆତ୍ମ ବାହ୍ୟ କ୍ରିୟାରୁ ପଙ୍ଗୁ ହୋଇ ନିଜେ ଚେତନ ସ୍ୱରୂପର ବିକାଶରେ ଆଗକୁ ବଢ଼େ । ଯୋଗାଭ୍ୟାସୀକୁ ଯେପରି ଅନ୍ତରୀ ଭୂମିର ଜ୍ଞାନ ଅଛି ସେହି ଆତ୍ମା ଓ ମନର ସମ୍ବନ୍ଧକୁ ଜାଣେ ଓ ମନରୁ ଆତ୍ମା ଅଲଗା ହୋଇ କିପରି ସହଜ ଭୂମିରେ ରହି ସଦଗୁରୁ ଧାମକୁ ପ୍ରାପ୍ତ କରେ, ଏହି ଅନୁଭବ ତତ୍ତ୍ୱକୁ ପ୍ରତ୍ୟକ୍ଷ ଅନୁଭବ କରିଥାଏ । ଗ୍ରନ୍ଥକାର ମାନକୁ ମାରି ଅର୍ଥାତ୍ ମନଜୀତ ହୋଇ ଗଲେ ଆତ୍ମାର ପଙ୍ଗୁ ସଂଜ୍ଞା ଦେଇଛନ୍ତି ।

**ଶୂନ୍ୟ ଶିଖର ପଙ୍ଗୁ ଚଢ଼େ ଚଢ଼ ପଗବାନ୍ ନ ଜାୟ ।**
**ମନ ଅରୁ ପବନ ଅଭାବ ମେଁ, କ୍ଷିପ୍ର ଊର୍ଦ୍ଧ୍ୱ ଚଢ଼ ଜାୟ । (୫୬)**

ଭାଷ୍ୟ : ମନ ଓ ପ୍ରାଣ ଯାଇ ଯେଉଁଠି ଶାନ୍ତ ହୋଇଯାଏ ସେହି ଭୂମିକୁ ଶୂନ୍ୟ କହନ୍ତି । ଶୂନ୍ୟ ସହଜ ଶୂନ୍ୟ, ମହାଶୂନ୍ୟ ଏକାର୍ଥବାଚୀ ଶବ୍ଦ ଅଟେ । ଶୂନ୍ୟର ଅନ୍ତିମ ଚୋଟି ସମାଧି ମଣ୍ଡଳ, ପରମଧାମକୁ ଏହି ପଦରେ ଶୂନ୍ୟ ଶିଖର କୁହାଯାଇଛି । ଏହି ପବିତ୍ର ପ୍ରକାଶମାନ ଶିଖା ପରମ ଜ୍ୟୋତିକୁ ପଗବାନ ଅର୍ଥାତ୍ ମନ, ଇନ୍ଦ୍ରିୟ ସହ ରଖିବା ବାଲା ପାଏ ନାହିଁ, ବରଂ ସେହି ଶୂନ୍ୟ ଶିଖରରେ ମନ ଓ ପବନ ବିହୀନ ପଙ୍ଗୁ ଆତ୍ମା ହିଁ ଶୀଘ୍ର ଉପର ଚଢ଼ିଯାଏ । ମନ ଓ ପବନ ଦ୍ୱାରା ଆତ୍ମା - ପ୍ରକୃତି ସଂଘାତରେ ତଳକୁ ଚାଲି ଆସେ ଓ ଏହାର ଅଭାବରେ ଶୀଘ୍ର ଆକାଶର ନିରାଧାର ଚୋଟିକୁ ଚଢ଼ିଯାଏ । ଏହି ପଦରେ ବିହଙ୍ଗମ ଯୋଗର ଭୂମିର ସ୍ପଷ୍ଟ ବର୍ଣ୍ଣନା କରାଯାଇଛି, ଯାହା ସାଧକ ଅଭ୍ୟାସୀ ବୁଝି ପାରିବେ ।

## ଧନିଆର ଉପକାରିତା

ଧନିଆକୁ ଭାରତୀୟ ବ୍ୟଞ୍ଜନରେ ମସଲା ରୂପରେ ବ୍ୟବହାର କରାଯାଇଥାଏ । ଏଥି ସହିତ ଏହାର ପତ୍ରକୁ ତରକାରିକୁ ସୁଗନ୍ଧ ଓ ସ୍ୱାଦିଷ୍ଟ କରିବା ପାଇଁ ମଧ ଉପଯୋଗ କରାଯାଇଥାଏ ।

ଧନିଆପତ୍ରର ବହୁ ଉପଯୋଗ ରହିଛି । ଧନିଆ ପତ୍ର ସହିତ ତେନ୍ତୁଳି ମିଶାଇ ସ୍ୱାଦିଷ୍ଟ ଚଟଣୀ କରାଯାଇଥାଏ । ଏହାର ପତ୍ରକୁ କେବଳ ଚଟଣୀ ନୁହେଁ ଆହୁରି ମଧ ସାଲାଡ୍, ତରକାରୀ, ଦହି ବାଇଗଣରେ ମିଶ୍ରଣ କଲେ ଏହାର ସ୍ୱାଦ ଦ୍ୱିଗୁଣିତ ହୋଇଥାଏ ।



ଧନିଆ ମଞ୍ଜିକୁ ପାନ ମସଲା ରୂପରେ ଉପଯୋଗ କରାଯାଏ । ଏଥି ସହିତ ଧନିଆପତ୍ର ସ୍ୱାସ୍ଥ୍ୟ ପାଇଁ ବହୁ ଉପଯୋଗୀ । ଧନିଆ ପାଚନ ଯନ୍ତ୍ରକୁ ମଜବୁତ କରିଥାଏ । ପ୍ରତିଦିନ ଖାଦ୍ୟ ଖାଇ ସାରିବା ପରେ ଭଜା ଧନିଆ ଖାଇବା ଫଳରେ ଖାଦ୍ୟ ଭଲ ଭାବେ ହଜମ ହୋଇଥାଏ । ଗ୍ୟାସ୍ ଦୋଷ ଦୂର ହୋଇଥାଏ ।

ଏହାକୁ କ୍ଷୁଧା ବାଧକ ରୂପେ ବ୍ୟବହାର କରାଯାଏ, ପେଟର ବିକୃତି ବାୟୁ ଆଦି ଦୂର କରେ ।

ଆକସ୍ମିକ ମାଂସପେଶୀ ସଂକୋଚନ ମୂର୍ଚ୍ଛା ଆଦିରେ ଏହା ଗୁଣକାରୀ ।

ପାକସ୍ଥଳୀର କ୍ଷମତା ବଢ଼ାଏ । ଦରଦ ହେଉଥିବା ଗଣ୍ଠିରେ ଧନିଆକୁ ବାଟି ଲଗାଇଲେ ଏହା ବ୍ୟଥା କମାଏ ।

ଔଷଧାଦିକୁ ସୁଗନ୍ଧିତ କରିବା ପାଇଁ ଧନିଆକୁ ବହୁଳ ବ୍ୟବହାର କରାଯାଇଥାଏ ।

୨ ଗ୍ଲାସ୍ ପାଣିରେ ୨ ଚାମଚ ଧନିଆ ମଞ୍ଜି ପକାଇ ଭିଜାଇବାର ୪ ଘଣ୍ଟା ପରେ ଏହି ପାଣିକୁ ଆଖି ବନ୍ଦ କରି ଚେହେରା ଲଗାନ୍ତୁ । ୧-୨ ମାସ ପର୍ଯ୍ୟନ୍ତ ଲଗାତର ଲଗାଇଲେ ତ୍ୱଚାର ସୁନ୍ଦରତା ବୃଦ୍ଧି ହେବା ସହିତ ମୁହଁର ସମସ୍ତ ଦାଗ ଦୂର ହୋଇଥାଏ ।

ଗରମ ଦିନରେ ଘିମିରି କମାଇବା ପାଇଁ ତ୍ୱଚାରେ ଧନିଆ ପାଣିକୁ ବ୍ୟବହାର କରିବା ଫଳରେ ତ୍ୱଚାରୁ ଝାଳ ଗନ୍ଧ ଦୂର ହେବା ସହିତ ଘିମିରି ଦୂର ହୋଇଥାଏ ।

ଆଘାତ ଲାଗିବା ଯୋଗୁଁ ସୃଷ୍ଟି ହୋଇଥିବା କ୍ଷତସ୍ଥାନରେ ମଧ ଧନିଆ ଓ ହଳଦୀକୁ ପେସି ଦିଅନ୍ତୁ । ଏହାକୁ ସୋରିଷ ତେଲରେ ଭାଜି ଦିଅନ୍ତୁ । ତାଉଆରୁ ଗରମ ଗରମ ନେଇ କ୍ଷତ ସ୍ଥାନରେ ପଟିବାନ୍ଧିବା ଫଳରେ କ୍ଷତ ଯନ୍ତ୍ରଣାରୁ ଉପଶମ ମିଳିବା ସହିତ ଘା’ ମଧ ଅଳ୍ପଦିନ ମଧ୍ୟରେ ଶୁଖିଯାଇଥାଏ ।

ଖରାଦିନେ ପରିସ୍ରା ପୋଡା ହେଉଥିଲେ ମାଟି ପାତ୍ରରେ ୨-୩ ଗ୍ଲାସ୍ ପାଣିରେ ୫ ଚାମଚ ଶୁଖିଲା । ଧନିଆ ଭିଜାଇ ଦିଅନ୍ତୁ ସକାଳୁ ଏଥିରେ ମିଶ୍ରି ମିଶାଇ ପିଅନ୍ତୁ । ଏଥିରେ ପେଟ ରୋଗ ଦୂର ହେବା ସହିତ ପରିସ୍ରା ପୋଡ଼ାରୁ ଉପଶମ ହୋଇଥାଏ । ପରିସ୍ରା ଅଟକିବା ପଥୁରି ରୋଗ, ମୁଣ୍ଡ ବୁଲାଇବା ଆଦି ରୋଗରୁ ଉପଶମ ମିଳିଥାଏ । ଏହି ପାଣି ଗର୍ଭବତୀଙ୍କ ପାଇଁ ଲାଭଦାୟକ ହୋଇଥାଏ ।

## ଆପଣ ଜାଣନ୍ତି କି ?

- ସନ୍ତରଣ କଲା ବେଳେ ଡଲଫିନ୍ ତାର ମସ୍ତିଷ୍କର ଗୋଟିଏ ପଟକୁ ସୁପ୍ତ ରଖିପାରୁଥିବା ବେଳେ ଅନ୍ୟ ପଟଟିକୁ ସକ୍ରିୟ ରଖିପାରେ ।
- ୨୦୧୭ ମସିହାରେ ପ୍ରକାଶିତ ମିଳିତ ଜାତିସଂଘର ଏକ ଆଲେଖ୍ୟରୁ ଏହା ଆଶଙ୍କା କରାଯାଇଛି ଯେ କାର୍ବନ ନିଃସରଣ ମାତ୍ରା ହ୍ରାସ ନ ପାଇଲେ ୨୧୦୦ ମସିହା ବେଳକୁ ୨୯ଟି ଐତିହ୍ୟବାହି ପ୍ରବାଳ ପ୍ରାଚୀର ଧ୍ୱଂସ ପାଇଯିବ ।
- ଉତ୍ତର କାନାଡାରେ ଦେଖା ଯାଉଥିବା ନାଲି ରଙ୍ଗର ଏକ ପ୍ରକାରର ବାଦୁଡ଼ି ଶୀତନିଦ୍ରାକୁ ଚାଲିଗଲେ ଜୀବିତ ରହିବା ପାଇଁ ୧୦ ମିନିଟରେ ଥରେ ମାତ୍ର ନିଃଶ୍ୱାସ ନେଇଥାଆନ୍ତି ।
- ବିଶ୍ୱର ସବୁଠାରୁ ଦ୍ରୁତ ବୃଦ୍ଧି ପାଉଥିବା ଗଛର ନାଁ ୪୫ ଜେନେରା । ଗବେଷଣାରୁ ଜଣାଯାଇଛି ଯେ ଏହି ଗଛ ପ୍ରତିଦିନ ୯୧ ସେଣ୍ଟିମିଟର ପର୍ଯ୍ୟନ୍ତ ବୃଦ୍ଧି ପାଇଥାଏ ।
- ଖାଦ୍ୟ ପ୍ରତି ଥିବା ଭୟକୁ କୁହାଯାଏ ସିବୋଫୋବିୟା ।
- କ୍ରାନବେରିକୁ କୁହାଯାଇଥାଏ ବାଉନ୍ସ ବେରି । କାରଣ ପାଚିଗଲା ପରେ ଏହି କୋଳିଗୁଡିକ ତଳେ ପଡିଲେ ରବର ବଲ ଭଳି ଡିଆଁ ମାରିଥାଆନ୍ତି ।
- ଟ୍ରେଟ୍ରୋପ୍ୟାକର ‘୧୦୦ ପ୍ରତିଶତ ଖାଣ୍ଟି’ ଲେମ୍ବୁ ରସ ୧୦୦ ପ୍ରତିଶତ କୃତ୍ରିମ ସ୍ୱାଦରେ ଭରା ।
- ଜାଣିଲେ ଆବାକ୍ ହେବେ ଯେ ବନ୍ଧାକୋବିର ୯୧ ପ୍ରତିଶତ ହେଉଛି ପାଣି ।
- ଜୋକର କେତୋଟି ମସ୍ତିଷ୍କ ଥାଏ ଜାଣନ୍ତି ? ଭାବୁଛନ୍ତି କି ଦୁଇ ତିନୋଟି ହୋଇଥିବ । ଜୋକର ୩୨ ଟି ମସ୍ତିଷ୍କ ଥାଏ ।

## ସ୍ଲିମ୍ ହେବାର ପ୍ରାକୃତିକ ଉପାୟ

ଆପଣଙ୍କ ଓଜନ ବୃଦ୍ଧି ପାଉଛି । ଆପଣ ଚାହିଁଲେ ବି ଓଜନକୁ ସହଜରେ ନିୟନ୍ତ୍ରଣରେ ରଖିପାରୁ ନାହାଁନ୍ତି । ତେବେ ବ୍ୟସ୍ତ ହୁଅନ୍ତୁ ନାହିଁ । ଏବେ ଆପଣାଙ୍କୁ ପ୍ରାକୃତିକ ଉପାୟ । ଏହା ଓଜନକୁ ହ୍ରାସ କରି ଆପଣଙ୍କୁ ଦେବ ସ୍ଲିମ୍ ଲୁକ୍ସ ।

ପ୍ରତିଦିନ ସକାଳେ ଖାଲିପେଟରେ ୧-୨ ଟି ଟମାଟର ଖାଆନ୍ତୁ ।

୩ ଚାମଚ ଲେମ୍ବୁ ରସ, ଦୁଇ ଚିମୁଟାଏ ଗୋଲମରିଚ ଗୁଣ୍ଡ ଓ ୧ ଚାମଚ ମହୁ ଏକ ଗ୍ଲାସ ପାଣିରେ ମିଶାଇ ପିଅନ୍ତୁ । ତିନି ମାସ ପର୍ଯ୍ୟନ୍ତ ଏହାକୁ ପାନ କଲେ ସ୍ଲିମ୍ ହୋଇଯିବେ ।

ପ୍ରତିଦିନ ଏକ ଗ୍ଲାସ ଗାଜର ଜୁସ୍ ପିଅନ୍ତୁ ମେଦ ହ୍ରାସ ହୋଇଯିବ ।

ସାଲାଡରେ ବନ୍ଧାକୋବି ମିଶାଇ ଖାଆନ୍ତୁ । ଏହାଦ୍ୱାରା ଆପଣ ସ୍ଲିମ୍ ରହିପାରିବେ । ବନ୍ଧାକୋବି ସହଜରେ ହଜମ ହୁଏ । ଏହାଦ୍ୱାରା ଅଧିକ ସମୟ ପର୍ଯ୍ୟନ୍ତ ଭୋକ ହୋଇ ନ ଥାଏ ।


ଏକ ଗ୍ଲାସ ପାଣିରେ ଅଦା ଓ ଲେମ୍ବୁ ରସ ମିଶାଇ ଗରମ କରନ୍ତୁ । ଏହାକୁ ଛାଣି ପିଅନ୍ତୁ । ଏହାଦ୍ୱାରା ଆପଣଙ୍କ ଓଜନ ସହଜରେ ହ୍ରାସ ହୋଇଯିବ ।

ଅଙ୍ଗୁର, ଅମୃତଭଣ୍ଡା, ସପୁରୀ, ସେଓ, ବିନ୍ସ, ଲିଚୁ ଆଦି ଖାଦ୍ୟରେ ସାମିଲ କରନ୍ତୁ । ଏହା ଓଜନ କମ୍ କରିବାରେ ସହାୟକ ହୋଇଥାଏ ।

ଗ୍ରୀନ୍ ଟି ବି ଓଜନ କମ୍ କରିବାରେ ସହାୟକ ହୋଇଥାଏ ।

ସପ୍ତାହରେ ଥରେ କେବଳ ପାଣି, ଜୁସ୍ ପିଇ ରହନ୍ତୁ । ଏହାଦ୍ୱାରା ଶରୀରରେ ଥିବା ଅଧିକ ଚର୍ବି ହ୍ରାସ ହୋଇଥାଏ । ଅଧିକ ଲୁଣ ଖାଆନ୍ତୁ ନାହିଁ । ଏହା ଆପଣଙ୍କୁ ମୋଟା କରାଇଦେବ । ଭାତ ଓ ଆଳୁ ଅଧିକ ଖାଆନ୍ତୁ ନାହିଁ । ଏହାଦ୍ୱାରା ଆପଣ ଅଧିକ ମୋଟା ହୋଇଯିବେ । ଯେତେ ସମ୍ଭବ କମ୍ ଭାତ ଓ ଆଳୁ ଖାଆନ୍ତୁ ।

## ଔଷଧୀୟ ସଜନା ଶାଗ



ସଜନା ଶାଗ ମଧୁମେହ ପ୍ରତିରୋଧୀ । ଶାଗ ଭଜା, ସୁପ, ଚଟଣି ଖାଦ୍ୟରେ ସାମିଲ କରନ୍ତୁ । ଏହା ଦ୍ୱାରା ରକ୍ତ ଶର୍କରା ନିୟନ୍ତ୍ରଣରେ ରହେ । କୋଲେଷ୍ଟ୍ରଲ, ଚର୍ବି ସମସ୍ୟାରେ ପଡିଥିଲେ ସଜନା ଶାଗ ଖାଆନ୍ତୁ । କମିଯିବ । ଏହା ତନ୍ତୁରେ ସମୃଦ୍ଧ । ଖାଦ୍ୟ ହଜମ ବଢ଼ାଏ । ଅନ୍ତନଳିକୁ ସୁରକ୍ଷିତ ରଖେ । କୋଷ୍ଠକାଠିନ୍ୟ ସମସ୍ୟା ରହେନାହିଁ । ସଜନା ଶାଗ ଏଣ୍ଟିଅକ୍ସିଡାଣ୍ଟରେ ଭରପୂର ଥିବାରୁ ଉଚ୍ଚ ରକ୍ତଚାପ ରୋଗୀଙ୍କ ପାଇଁ ଲାଭଦାୟକ । ହୃଦ୍ ଧମନି ରୋଗରୁ ନିରାପଦ ରଖେ । ରକ୍ତହୀନତା ଓ ଦୁର୍ବଳ ଦୃଷ୍ଟିଶକ୍ତି ପାଇଁ ସଜନା ଶାଗ ଖାଆନ୍ତୁ, ସୁଫଳ ମିଳିବ । ଏହା ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧିକାରୀ ଶାଗ । ସଜନା ଶାଗ ଖାଇଲେ ଋତୁସ୍ରାବ ସମସ୍ୟା ରହେ ନାହିଁ, ନିୟମିତ ହୁଏ । ଯନ୍ତ୍ରଣାରୁ ବି ଉପଶମ ମିଳେ ।

## କହିପାରିବେ କି ?

(୧) ଲଘୁ ଉଦ୍ୟୋଗ ଦିବସ କେବେ ପାଳନ କରାଯାଏ ?
(୨) ପଙ୍କଜ ଆଡଭାନୀଙ୍କର କେଉଁ ଖେଳ ସହିତ ସମ୍ପର୍କ ରହିଛି ?
(୩) ଅଁଳାରେ କେଉଁ ଭିଟାମିନ୍ ପ୍ରଚୁର ମାତ୍ରାରେ ଥାଏ ?
(୪) ଭାରତର କେଉଁ ରାଜ୍ୟରେ ସବୁଠୁ ଉଚ୍ଚରେ ଏକ ହର୍ବାଲ ପାର୍କ ନିର୍ମାଣ କରାଯାଇଛି ?
(୫) ଭାରତରେ ‘ଏନଭାର୍ଣ୍ଣମେଣ୍ଟ ଆକ୍ଟ’ କେବେ ଗୃହୀତ ହୋଇଥିଲା ?
(୬) ସର୍ବ ପୁରାତନ ବାଦ୍ୟଯନ୍ତ୍ରର ନାମ କ’ଣ ?
(୭) ନୌଟଙ୍କୀ କେଉଁ ରାଜ୍ୟର ଲୋକନୃତ୍ୟ ?
(୮) ପମ୍ପା ସରୋବର କେଉଁଠାରେ ଅବସ୍ଥିତ ?
(୯) ମହାରାଜା ଦଶରଥଙ୍କୁ ରାମଙ୍କ ଭବିଷ୍ୟତ କଥା କିଏ କହିଥିଲେ ?
(୧୦) ‘ମଇ ଲାଇଫ୍’ କାହାର ଆତ୍ମଜୀବନୀ ?

### JUMBLE WORDS

| | | | |
|---|---|---|---|
| 1) LIYEKL | = | 6) MHEANU | = |
| 2) NGOLBE | = | 7) LROTL | = |
| 3) NYORI | = | 8) BHNCE | = |
| 4) VEIWA | = | 9) NUIAAG | = |
| 5) SUPEUR | = | 10) TYAREE | = |

ଏହି ସମସ୍ତ ପ୍ରଶ୍ନର ଉତ୍ତର ସଂପାଦକ, “ସ୍ୱୀକାର”, ଲେବର କଲୋନୀ ମୁଦିପଡ଼ା, ସମ୍ବଲପୁରଙ୍କ ଠିକଣାରେ ପଠାଇବାକୁ ଅନୁରୋଧ । ସମସ୍ତଙ୍କ ଜାଣିବା ପାଇଁ ସମସ୍ତ ପ୍ରଶ୍ନର ଉତ୍ତର ଆସନ୍ତା ସଂଖ୍ୟାରେ ଦିଆଯିବ ।

**ଗତ ସଂଖ୍ୟାର କହିପାରିବେ କି ? ର ଉତ୍ତର :-**

୧. ୩୨ଟି , ୨. ୨୦୧୦, ୩. ଗୋଟିଏ ଫୁଲ, ୪. ଟ୍ୟୁଲିପ୍ ଫୁଲ, ୫. ପେଟ୍ରୋଲ, ୬. ୨୭, ୭. ୨ ଗୁଣ, ୮. ୨ବର୍ଷ , ୯. -୩୫°, ୧୦. ଏପ୍ରିଲ୍ ଫୁଲ ଦିବସରେ ।

***Jumble Words*** **ର ଉତ୍ତର :-**

(1) RUGBY (2) INPUT (3) ACTUAL (4) SPORTY (5) HELLO (6) DRAWN (7) TONGUE (8) BECOME (9) ABATE (10) TOKEN

# ନବଧା ଭକ୍ତିରେ ନିହିତ....

ପଞ୍ଚମ ପୃଷ୍ଠାର ଅବଶିଷ୍ଟାଂଶ

କପଟ ତ୍ୟାଗ କରି ଭଗବାନଙ୍କର ଗୁଣ ସମୂହକୁ ଗାନ କରିବା ହେଉଛି ଚତୁର୍ଥ ଭକ୍ତି ।

ମୋର (ଭଗବାନଙ୍କର) ମନ୍ତ୍ରର ଜପ ଏବଂ ମୋ ଉପରେ (ପରମାତ୍ମାଙ୍କ ଉପରେ) ଦୃଢ ବିଶ୍ୱାସ । (ମନ୍ତ୍ର ଜପ୍ ମମ ଦୃଢ ବିଶ୍ୱାସା - ପଞ୍ଚମ ଭଜନ୍ ସା ବେଦ ପ୍ରକାଶା) । ମନ୍ତ୍ରର ମାହାତ୍ମ୍ୟ ବୁଝି ଭାବର ସହିତ ପରମାତ୍ମ ସତ୍ତାରେ ବିଶ୍ୱାସ ରଖି ଯେତେବେଳେ ଜପ କରାଯାଏ, ତାହା କେବଳ ଭକ୍ତିର ପଞ୍ଚମ ସୋପାନ ହୋଇ ନ ଥାଏ , ସିଦ୍ଧିର ଆରମ୍ଭ ମଧ ହୋଇଥାଏ । ଜପ ନିମନ୍ତେ ଦୀର୍ଘ ସାଧନା ନୁହେଁ, ଶ୍ରଦ୍ଧା ଓ ବିଶ୍ୱାସର ସହିତ ଗଭୀର ଭାବରେ ସାଧନା କରିବା ଅତ୍ୟନ୍ତ ଆବଶ୍ୟକ ।

ମନ୍ତ୍ରର ବ୍ୟାଖ୍ୟା କରିବାକୁ ଯାଇ ମହାର୍ଥ ମଞ୍ଜରୀରେ ବର୍ଣ୍ଣିତ ହୋଇଛି- 'ଶକ୍ତିର ବୈଭବର ବିକାଶରେ ଏକାଗ୍ରତାର ଅପୂର୍ଣ୍ଣତାରୁ ତ୍ରାଣକାରୀ, ବିଶ୍ୱ ବିକଳ୍ପ (ସ୍ୱାର୍ଥସାଧନ)ର ଅଶାନ୍ତିରୁ ମୁକ୍ତି ଦେଉଥିବା ଅନୁଭୂତି ହିଁ ମନ୍ତ୍ର ।

ଭଗବାନ୍ କହୁଛନ୍ତି - ଜପାତ ସିଦ୍ଧି, ଜପାତ ସିଦ୍ଧି ଜପାତ ସିଦ୍ଧିର୍ନସଂଶୟା (ଜପ ଦ୍ୱାରା ନିଶ୍ଚିତ ଭାବରେ ସିଦ୍ଧି ମିଳେ, ଏଥିରେ କୌଣସି ସଂଶୟ ନାହିଁ ।) ଇଶ୍ୱରଙ୍କୁ ସମ୍ବୋଧିତ ବା ନିବେଦନ କରିବା ହିଁ ମନ୍ତ୍ର । ଏହା ନମା ଭଗବତେ ବାସୁଦେବାୟ ହେଉ କିମ୍ବା ନମଃ ଶିବାୟ ହେଉ, କିମ୍ବା ଗାୟତ୍ରୀ ମନ୍ତ୍ର ଋପରେ ସଦ୍ ବୁଦ୍ଧି ନିର୍ଣ୍ଣୟ ସକାଶେ ପ୍ରାର୍ଥନା ହେଉ, ଯଦି ବିଶ୍ୱାସର ସହିତ ଜପ କରାଯାଏ, ତାହେଲେ ନିଶ୍ଚିତ ଭାବରେ ଫଳ ମିଳେ ।

ଯୋଗ ଦର୍ଶନର ସୂତ୍ର ହେଉଛି, ତଦ୍ ଜପସ୍ୟ ତଦର୍ଥ ଭାବନମ୍ ।

ଅର୍ଥାତ୍ - ମନ୍ତ୍ର ଜପ, ତା'ର ଭାବ, ତା'ର ଦେବତା ଉପରେ ପ୍ରଗାଢ ଭକ୍ତି ରଖି କରିବା ଆବଶ୍ୟକ । ଯଦି ମନ୍ତ୍ରର ସାମର୍ଥ୍ୟ ଉପରେ, ମନ୍ତ୍ରଦାତା ଗୁରୁଙ୍କର ସତ୍ତା ଉପରେ ଏବଂ ମନ୍ତ୍ରର ଦେବତାଙ୍କ ଉପରେ ବିଶ୍ୱାସ ରଖି ନିରନ୍ତର ଜପ କରାଯାଏ । ତାହେଲେ ମନ୍ତ୍ରର ସାମର୍ଥ୍ୟ ବହୁଗୁଣ ବୃଦ୍ଧିପାଏ ।

ଇନ୍ଦ୍ରିୟ ନିଗ୍ରହ, ସତ୍ ଚରିତ୍ର , ବହୁ କାର୍ଯ୍ୟରୁ ବୈରାଗ୍ୟ ଏବଂ ସନ୍ଥ ପୁରୁଷଙ୍କ ଆଚରଣରେ ନିରନ୍ତର ତତ୍ପର ରହିବା ।

(ବିରତି ବହୁକର୍ମା, ନିରତି ନିରନ୍ତର ସଜ୍ଜନ ଧର୍ମା) । ଦମର ଅର୍ଥ ହେଉଛି, ସଂକଳ୍ପ ବଦ୍ଧ ହୋଇ ନିଷ୍ଠାର ସହିତ ନିଜ ଉପରେ ନିୟନ୍ତ୍ରଣ ରଖିବା । ମାନସିକ ସଂଯମ ରଖିଲେ ହିଁ ଶାରୀରିକ ସଂଯମ ଆସିଥାଏ । ଦମ୍ ଅର୍ଥାତ୍ ଉଚ୍ଚ ସ୍ତରର ଆତ୍ମାନୁ ଶାସନ । ଇନ୍ଦ୍ରିୟ ଗୁଡିକ ଉପରେ ନିୟନ୍ତ୍ରଣ ରଖିପାରିଲେ, ଅନ୍ତର୍ମୁଖୀ ନ ହୋଇ ଆମେ ଇନ୍ଦ୍ରିୟ ସଂରଚନାରେ ପରିବର୍ତ୍ତନ ଆଣି ପାରିବା ।

ଏହି ଚାରିଗୋଟି ସଂଯମ ଅସ୍ୱାଦ ବ୍ରତ ମାଧମରେ ଏହାର ଶୁଭାରମ୍ଭ କରିବାକୁ କୁହାଯାଇଛି । ଏହା ଫଳରେ କ୍ରମଶଃ ସକଳ ସିଦ୍ଧି ହୋଇ ପାରିବ । ଦମ ପରେ ହିଁ ଅନ୍ତର୍ଜଗତରେ ଶାନ୍ତିର ପଥ ପ୍ରଶସ୍ତ ହୋଇ ପାରେ । ଏହି ଭକ୍ତିରେ ଭଗବାନ୍ ଶ୍ରୀରାମ ଦମ ପରେ ଶୀଳ ବିଷୟରେ ଆଲୋଚନା କରିଛନ୍ତି । ଶୀଳ, ଅର୍ଥାତ୍ ଶାଳୀନତାର ଆଚରଣ । ଶୀଳବ୍ରତ ବିଷୟରେ ଶାସ୍ତ୍ରରେ ଆଲୋଚନା କରାଯାଇଛି । ପତି - ପତ୍ନୀ ଉତ୍ତମ ଗୃହସ୍ଥ ଋପେ ପରସ୍ପରର ସହ ମତିରେ ସଂଯମ ପୂର୍ବକ ଜୀବନ ଯାପନ କରିବାକୁ ଶୀଳବ୍ରତ କୁହାଯାଏ । ଅସମ୍ମାନଜନକ କାର୍ଯ୍ୟକୁ ସମ୍ମାନଜନକ କରିବା ଶୀଳବ୍ରତର ପ୍ରଥମ ସୋପାନ । ଦ୍ୱିତୀୟ ସୋପାନ ହେଉଛି, ଆଧାତ୍ମିକ ପ୍ରଗତି ସକାଶେ ଉନ୍ନତ କାର୍ଯ୍ୟ କରିବା । ଏହା ହେଉଛି ଭାରତୀୟ ସଂସ୍କୃତିର ବହୁ ବିସ୍ତାରିତ ଏବଂ ସମସ୍ତଙ୍କ ପାଇଁ ସରଳ ଓ ଦାର୍ଶନିକ ପ୍ରତିପାଦନର ପରିଚୟ ।

ଏହି ଭକ୍ତିର ଅନ୍ୟ ପକ୍ଷ ହେଲା ବହୁ କାର୍ଯ୍ୟଠାରୁ, ଅନେକ ପ୍ରକାର ଆକାଂକ୍ଷା ଠାରୁ ମୁକ୍ତ ରହିବା, ଅର୍ଥାତ୍ ବୈରାଗ୍ୟ । ଭଗବାନ୍ କହିଛନ୍ତି, କର୍ମ ସହିତ ସଂଯୁକ୍ତ ଥିବା କାମନା ସବୁକୁ ତ୍ୟାଗ କରିବା ହିଁ ସନ୍ୟାସ । କାମନା ବିହୀନ କର୍ମ, ଅର୍ଥାତ୍ ଲାଭ ନ ଥାଇ, ଭୟ ନ କରି କର୍ମ କରନ୍ତୁ । ଲୋକ କଲ୍ୟାଣ ନିମନ୍ତେ କର୍ମ କରନ୍ତୁ ଫଳାଫଳ ଭଗବାନଙ୍କୁ ଅର୍ପଣ କରନ୍ତୁ । ସ୍ୱାମୀ ବିବେକାନନ୍ଦ କହୁଥିଲେ, ଜଣେ ସାଧକ, ଜଣେ ଭକ୍ତର କର୍ମ ଆତ୍ମ କଲ୍ୟାଣ ନିମନ୍ତେ ଓ ଜଗତ କଲ୍ୟାଣ ନିମନ୍ତେ ଅର୍ପିତ ହେବା ଉଚିତ ।

ଏହି ଭକ୍ତିର ଚତୁର୍ଥ ସୋପାନ ହେଉଛି, ସନ୍ଥ ପୁରୁଷଙ୍କ ଆଚରଣକୁ ଅନୁସରଣ କରିବା । ସନ୍ଥ ପୁରୁଷ କ୍ରୋଧ କରନ୍ତି ନାହିଁ । ସେମାନେ ସର୍ବଦା କ୍ଷମାଶୀଳ ହୋଇଥାନ୍ତି । ସେମାନଙ୍କର ଏହି ଦୁଇଟି ଗୁଣ ଆମେ ଯଦି ଗ୍ରହଣ କରିପାରିବା, ତାହେଲେ ଏହି ଆଚରଣ ଆମକୁ ଭକ୍ତିର ପରାକାଷ୍ଠା ପର୍ଯ୍ୟନ୍ତ ନେଇଯାଇ ପାରେ ।


ଥରେ ଅନ୍ଧକାର ଭଗବାନଙ୍କ ପାଖକୁ ଗଲା । ଯାଇ କହିଲା- ମହାରାଜ ! ଆପଣ ଏହି ସୂର୍ଯ୍ୟ ଏବଂ ଚନ୍ଦ୍ରଙ୍କୁ କାହିଁକି ତିଆରି କଲେ ? ଯେଉଁଠାରେ ସେମାନେ ପହଞ୍ଚୁଛନ୍ତି ସେଠାରୁ ମୋତେ ପଳାଇବାକୁ ହେଉଛି । ସେଥିପାଇଁ ମୋର ବଞ୍ଚିବା କଷ୍ଟକର ହୋଇ ଗଲାଣି । ଆପଣ ସମସ୍ତଙ୍କ ପ୍ରତି ନ୍ୟାୟ କରୁଛନ୍ତି । ମୋ ପ୍ରତି ମଧ ନ୍ୟାୟ କରନ୍ତୁ ।

ଭଗବାନ୍ କହିଲେ- 'ତୁ ଠିକ୍ କହିଛୁ । କିନ୍ତୁ ନ୍ୟାୟ ତ ଗୋଟିଏ ପକ୍ଷ ରହି କରାଯାଏ ନାହିଁ । କାଲି ସୂର୍ଯ୍ୟଙ୍କୁ ସାଙ୍ଗରେ ନେଇ ଆସିବୁ । ମୁଁ ଉଭୟଙ୍କର କଥା ଶୁଣି ନ୍ୟାୟ କରିବି ।

ଏବେ ଅନ୍ଧକାର ସୂର୍ଯ୍ୟଙ୍କ ସହିତ ଆସିବ କିପରି ? ଦୁଇ ଜଣଙ୍କର ତ ପରସ୍ପର ସହିତ ମେଳ ନାହିଁ । ଯେଉଁଠାରେ ଆଲୋକ ପହଞ୍ଚିଥାଏ, ସେଠାରେ ଅନ୍ଧକାର ରହି ପାରେ ନାହିଁ । ଈଶ୍ୱରଙ୍କ ପ୍ରେମର ଜ୍ୟୋତିକୁ ମନରେ ପ୍ରକଟ କର । ପ୍ରଭୁଙ୍କ ପ୍ରେମ ବିଦ୍ୟମାନ ରହିଲେ, ସେଠାରେ ଦୁଃଖ ବା ଅନ୍ଧକାର ରହିବ କିପରି ?

# ଭକ୍ତି ଓ ମୁକ୍ତିର ମାସ ଭାଦ୍ରବ

ହିନ୍ଦୁ ଧର୍ମରେ ଭାଦ୍ରବ ମାସର ବିଶେଷ ମହତ୍ତ୍ୱ ରହିଛି । ଏହା ଭାଦ୍ରପଦ ନକ୍ଷତ୍ର ଯୁକ୍ତ ପୂର୍ଣ୍ଣିମା ପଡୁଥିବା ଚାନ୍ଦ୍ରମାସକୁ 'ଭାଦ୍ରବ' ବା 'ଭୋଦୁଅ' ମାସ କୁହାଯାଏ । ଭାଦ୍ରବ ଶରତ ଋତୁର ପ୍ରଥମ ମାସ । ଏହି ମାସରେ ଦାନ, ଜପ ତପ କଲେ ବିଶେଷ ପୁଣ୍ୟ ମିଳିଥାଏ ବୋଲି ବିଶ୍ୱାସ ରହିଛି । ଭକ୍ତିର ସହ ଦେବୀ ଦେବତାଙ୍କ ପୂଜାର୍ଚ୍ଚନା କଲେ ଜୀବନ କଷ୍ଟରୁ ମୁକ୍ତି ମିଳିଥାଏ ବୋଲି କୁହାଯାଏ । ଏହି ମାସରେ କିଛି ବିଶେଷ ନିୟମ ପାଳନ କରିବା ଆବଶ୍ୟକ । ମାଂସ, ମଦ୍ୟପାନ, ମହୁ, କଦଳୀ ଇତ୍ୟାଦି ବ୍ୟବହାରକୁ ଏଡାଇବା ଉଚିତ । ନିଜ ସାମର୍ଥ୍ୟ ଅନୁସାରେ ଏହି ମାସରେ ଅନ୍ନ, ବସ୍ତ୍ର ଦାନ କଲେ ଅନନ୍ତ ସୁଖ ପ୍ରାପ୍ତ ହୋଇଥାଏ ବୋଲି ବିଶ୍ୱାସ ରହିଛି । ଏହି ମାସରେ ଶ୍ରୀକୃଷ୍ଣଙ୍କର ଜନ୍ମ ହୋଇଥିବାରୁ ଏହାକୁ ପବିତ୍ର ମାସ ମଧ କୁହାଯାଏ । ଭୋଦୁଅ ମାସରେ କୃଷ୍ଣଭକ୍ତିରେ ଲୀନ ରହିଲେ ପୂର୍ବ ଜନ୍ମର ପାପ କ୍ଷୟ ହେବା ସହ ସନ୍ତାନ ସୁଖ ମିଳିଥାଏ । ଜନ୍ମାଷ୍ଟମୀ, ଗଣେଶ ଚତୁର୍ଥୀ, ଖୁଦୁରୁକୁଣୀ ଓଷା, ବିଶ୍ୱକର୍ମା ପୂଜା, ଷଷ୍ଠୀ ଓଷା, ସୁନିଆଁ, ରାଧାଷ୍ଟମୀ, ବୁଧେଇ ଓଷା, କାଳୀୟଦଳନ ଏକାଦଶୀ, ସପ୍ତପୁରୀ ଅମାବାସ୍ୟା, ବାମନ ଜନ୍ମ, ବାଲି ତୃତୀୟା ଆଦି ଏହି ମାସରେ ପଡୁଥିବାରୁ ଏହାକୁ ଭକ୍ତିର ମାସ ମଧ କୁହାଯାଏ ।



# ସେ ପର୍ବ ତ ମିଳିତ ପ୍ରାଣର...

ତୃତୀୟ ପୃଷ୍ଠାର ଅବଶିଷ୍ଟାଂଶ

ତେବେ ସମଗ୍ର ଅଂଚଳର ଅପ୍ରମିତ ବିପୁଳ ଜନସମର୍ଥନ ଏବଂ ସର୍ବସମର୍ଥ ଅଗଣିତ ବ୍ୟକ୍ତି ବିଶେଷଙ୍କର ନିଷ୍ଠାପର ସହଭାଗିତା ହେତୁ ମୁଁ ନିଶ୍ଚିନ୍ତ ଆଶାବାଦୀ ଯେ ଆମର କିଛି ବି ଇଚ୍ଛା ଅଭିଳାଷ କାଣିଚାଏ ଅପୂରା ରହିବ ନାଇଁ । ସେଭଳି ଦୁର୍ଲ୍ଲଭ ସମର୍ଥ ପ୍ରତିବଦ୍ଧ ଜନସମର୍ଥନ ଅକଳ୍ପନୀୟ ବୋଲି କବି ପୂଜ୍ୟ ବହିଦାରଙ୍କର ବାସ ଭବନ କଦାପି ଜରାଜୀର୍ଣ୍ଣ ହୋଇ ପାରି ନଥାଆନ୍ତା । ପ୍ରତି ମୁହୂର୍ତ୍ତରେ ତାର ତଦାରଖ ହୋଇ ସଂରକ୍ଷଣ ଅତୁଟ ରହିଥାଆନ୍ତା । ସେଥି ସକାଶେ ପ୍ରଶାସନ ଉପରେ ଦୋଷ ଲଦି ଆପେ ଖସି ଯିବା ମହାପୁରୁଷ କବିଙ୍କ ପ୍ରତି ଏକ ପ୍ରକାର ଉଦାସୀନତା ବୋଲି ବିବେଚିତ ହେବ । ପ୍ରଶାସନର କର୍ତ୍ତା ପୁରୁଷମାନେ ସମ୍ବଲପୁରର ସ୍ଥାୟୀ ପୁରୁଷମାନେ ନୁହନ୍ତି । ସେମାନେ ମମତାବଦ୍ଧ ନ ହେବାର ସମ୍ଭାବନା ବି ଏଡାଇ ଦେଇ ହେବ ନାହିଁ । ଅର୍ଥ ଆଦୌ ବାଧକ ହେବ ନାହିଁ । ସମଗ୍ର ସମ୍ବଲପୁର ଅର୍ଥବ୍ୟବସ୍ଥା କରିବ । ତାର ଏକ ଉଦାହରଣ, ଅହମଦାବାଦ ଏଲୀସବ୍ରୀଜ ଛକର ମାନିକଲାଲ ଭବ୍ୟସ୍ମାରକ ଭବନ । ସାରା ଭାରତରେ ମହାପୁରୁଷମାନଙ୍କର ତଦ୍ରୂପ ଅଗଣିତ ସ୍ମାରକ ଭବନ ରହିଛି । ତାର ସର୍ବପ୍ରାଚୀନ ଉଦାହରଣ ହେବ ପାଟଳୀପୁତ୍ରର ଦତକ ବିହାର ତାହା ସେତେବେଳେ ତଥା ଗତଙ୍କର ଚତୁର୍ମାସ୍ୟା ଯାପନ ସକାଶେ ଆତିଥ୍ୟ ପ୍ରଦାନ କରିଥିଲା । ରାମଜୀ ଗୁଡି ନିକଟସ୍ଥ ସେ ସ୍ମାରକ ଭବନ ତତକାଳ ଆରମ୍ଭ କରାଯାଉ ନେତାମନ୍ତ୍ରୀ ସେମାନଙ୍କର କର୍ତ୍ତୃତ୍ୱାଧୀନ ପାଣ୍ଠିର ଅନୁଦାନ ପ୍ରଦାନ କରନ୍ତୁ । ପ୍ରତ୍ୟେକ ଭୂମି ଭୂମାଙ୍କୁ ଭଲ ପାଉଥିବା ମଣିଷ ସ୍ୱେଚ୍ଛାରେ ଆପଣା କ୍ଷମତାର ସୀମାଭିତରେ ଏକତାମଂଚ କାର୍ଯ୍ୟାଳୟରେ ପ୍ରଦାନ କରନ୍ତୁ ଓ ତାର ଜମାଖର୍ଚ୍ଚର ହିସାବ ରହୁ । ନିର୍ମାଣ କାର୍ଯ୍ୟ ପୁରା ହେବାକୁ ଛଅ ମାସରୁ ଅଧିକ ବେଳ ଲାଗିବ ନାହିଁ ।

ଯାହା ମୁଁ ଭାବୁଛି ସବୁରି ବିଚାର ହେତୁ ଉପସ୍ଥାପନ କରୁଛି । ଏକତାମଞ୍ଚର କାର୍ଯ୍ୟକର୍ତ୍ତା, କାର୍ଯ୍ୟକାରିଣୀ ସମିତି ତାର ସମ୍ବିଧାନିକ ରୀତିରେ ନିରୂପଣ ଅବଧିରେ ଗଣତାନ୍ତ୍ରିକ ଧାରାରେ ନିର୍ବାଚିତ, ମନୋନୀତ ହୋଇ ସବୁ କାର୍ଯ୍ୟ ପରିଚାଳନା କରିବେ ଓ ସଭାପତି ଓ କୋଷାଧକ୍ଷଙ୍କର ଯୁଗ୍ମ ସ୍ୱାକ୍ଷରରେ ଏକ ଜାତୀୟ ବ୍ୟାଙ୍କ ଜମାଖାତାରେ ସବୁ ବ୍ୟବସ୍ଥିତ ସୋସାଇଟୀ ଆକ୍ଟ ଅନୁଯାୟୀ ପଞ୍ଜୀକୃତ ହେବ । ନ୍ୟାସ ହେବ ତଥା ଅନୁଷ୍ଠାନ ସକାଶେ ସମ୍ବିଧାନ ପ୍ରଣୀତ ହୋଇ ସ୍ମାରକ ଭବନରେ କାର୍ଯ୍ୟାଳୟ ଦୁଇଟି କକ୍ଷ, ସ୍ନାନାଗାର, ବହିଦାରଜୀ ବ୍ୟବହାର କରିଥିବା ପୋଷାକ ପରିଚ୍ଛଦ, ଯୋତା, ଛତା, ବ୍ୟାବହାର କରିଥିବା କଂସା ବାସନ, ବିଛଣା ଇତ୍ୟାଦି, ତାଙ୍କର ନିତ୍ୟପାଠ ଗ୍ରନ୍ଥ, ଆରାଧନା ସାମଗ୍ରୀ, କବିରଚିତ କାବ୍ୟକବିତା ସଂକଳନ ସମୂହ, ରଚିତ ବ୍ୟାକରଣ ଅଭିଧାନ ସବୁ ସଂସ୍ଥାନରେ ଗଚ୍ଛିତ ରହିବ ତଥା ଗବେଷଣାରତ ବିଦ୍ୟାର୍ଥୀ ଶିକ୍ଷାନୁଷ୍ଠାନ ସମୂହ, ବିଶ୍ୱବିଦ୍ୟାଳୟ ପାଠ୍ୟକ୍ରମରେ କବିରଚନାର ସମାବେଶ ହୋଇ ଏପରି ଭାବରେ ସମୀଚୀନ ସମୟରେ ବିବିଧ ଦାବୀ ଆଗତ କରି ହେବ । ମୁଁ ନାନା କଥା ଶୁଣିଛି ସିନା ପୂଜ୍ୟ ବହିଦାରଙ୍କର ରଚିତ ଚଟିବହି ଗୋଟାଏ ଅଧେକୁ ଛାଡିଦେଲେ ଆଉ କିଛି ଦେଖିନାହିଁ । ସେ ସବୁ ମୁଦ୍ରଣ ବେଳେ ତ ଲେଟର ପ୍ରେସରେ କମ୍ କମ୍ ସଂଖ୍ୟାରେ ହୋଇଥିବ । ତତକାଳ ସମ୍ପ୍ରତି ଆଧୁନିକ ରୀତିରେ ଡିଜିଟାଲ ମୁଦ୍ରଣ କରାଯାଇ ସଂସ୍ଥାନ ଭିତରେ ଏକ ଗ୍ରନ୍ଥ ବିପଣୀ ଗ୍ରନ୍ଥ ବିକ୍ରୟ ବିତରଣ ବ୍ୟବସ୍ଥିତ କରିବେ ଓ ସେଇ ବିକ୍ରୟାର୍ଥରେ ଆଗାମୀ ମୁଦ୍ରଣ ପରିଚାଳନା, ଲେଖକ, ସଂକଳନ ସମ୍ପାଦକମାନଙ୍କର ରାଜଭାଗ ଆଦିର ବ୍ୟବସ୍ଥା ହେବ ଓ ଆବଶ୍ୟକ ମତେ କାର୍ଯ୍ୟକାରିଣୀ ସଭାର ପ୍ରସ୍ତାବ ଅନୁମୋଦନ କ୍ରମରେ ସେଥି ସକାଶେ ବେତନଭୋଗୀ ବି ନିଯୁକ୍ତ ହୋଇ ରହିବେ । ସଂସ୍ଥାନର ଆପଣା କମ୍ପ୍ୟୁଟର ଆଦି ଓ ତାର ଚାଳକ ନିଶ୍ଚିତ ବେତନଭୋଗୀ ହେବେ । ସବୁ ଏକା ଥରକେ ହେବ ନାଇଁ । ଆବଶ୍ୟକତାନୁସାରେ ସବୁ କାମ ହୋଇଯିବ । ମୁଁ ନିକ ଅପାଙ୍କର ସେ ଘରର ଆକାର ମନେ ପକେଇ ଭାବୁଛି, ସେତିକିରେ ସ୍ମାରକ ସଂସ୍ଥାନ ହୋଇ ପାରିବ ନାହିଁ ବୋଲି ଦୁଇ ତିନି ତାଲା କରିବାକୁ ହେବ । ଆବଶ୍ୟକ ମତେ ସେଇ ସମ୍ବଲପୁରରେ କ୍ଷେତ୍ର ପରିବର୍ଦ୍ଧନ ବିଚାରରେ ସ୍ଥାନାନ୍ତରିତ କରି ହେବ । ଯାହା ଏକତା ମଞ୍ଚ ଓ ସ୍ମାରକ ସଂସ୍ଥାନର କାର୍ଯ୍ୟକାରିଣୀ ସମିତି ବିଚାର କରୁଥିବେ । ତେବେ, ଆୟମାରମ୍ଭ ଶୁଭାୟ ଭବତି.. ସବୁ ଶୁଭ ହେବ... ।

# ବେଦାନ୍ତର ପ୍ରତାରଣା ବିରୋଧରେ ଧାରଣା

ଝାରସୁଗୁଡ଼ା: ଭୁର୍କାମୁଣ୍ଡା ସ୍ଥିତ ବେଦାନ୍ତ କମ୍ପାନୀ ଦୀର୍ଘବର୍ଷ ହେଲା ସ୍ଥାନୀୟ ବିସ୍ଥାପିତ ଓ କ୍ଷତିଗ୍ରସ୍ତ ଲୋକଙ୍କୁ ପ୍ରତାରଣା କରି ଚାଲିଛି । କମ୍ପାନୀର କାର୍ଯ୍ୟକଳାପରେ ବିସ୍ଥାପିତମାନେ ଅତିଷ୍ଠ ହୋଇ ପଡିଲେଣି । ଏପରି କି ପୁଞ୍ଜିଭୂତ ଅସନ୍ତୋଷ ସ୍ଥାନୀୟ କାତିକେଲା ଗ୍ରାମବାସୀଙ୍କୁ ବାରମ୍ବାର ଆନ୍ଦୋଳନ କରିବା ପାଇଁ ବାଧ କରୁଛି । କାତିକେଲା ଗ୍ରାମ ଜଗନ୍ନାଥ ମନ୍ଦିର ଜମିରେ ଜୋର ଜବରଦସ୍ତ ପାଉଁଶ ଡମ୍ପିୟାର୍ଡ କରିଥିବା ବେଦାନ୍ତ କମ୍ପାନୀ ମନ୍ଦିର ପୁନରୁଦ୍ଧାର ପାଇଁ ୨୦୧୪ ରେ ଦେଇଥିବା ପ୍ରତିଶ୍ରୁତିକୁ ଏଯାବତ୍ ପୂରଣ କରିପାରି ନାହିଁ । ଅସନ୍ତୁଷ୍ଟ ଗ୍ରାମବାସୀ ମନ୍ଦିର କାମ ଶେଷ କରିବା ସହିତ ଠାକୁରଙ୍କ ଜମିର କ୍ଷତିପୂରଣ ଦାବିକରି ସ୍ଥାନୀୟ ଗ୍ରାମବାସୀ ବେଦାନ୍ତ ପ୍ରକଳ୍ପର ଏକ ନମ୍ବର ଫାଟକ ସମ୍ମୁଖରେ ଧାରଣା ଦେଇଥିଲେ । ଫଳରେ ଯାନବାହନ ଚଳାଚଳ ଓ କୋଇଲା ପରିବହନ ବନ୍ଦ ହୋଇଯାଇଥିଲା । ପରେ କମ୍ପାନୀ କର୍ତ୍ତୃପକ୍ଷ ଆନ୍ଦୋଳନରତ ଗ୍ରାମବାସୀଙ୍କ ସହ ଆଲୋଚନା କରି ଏକ ସପ୍ତାହ ମଧରେ ଏହାର ସମାଧାନ କରିବା ପାଇଁ ପ୍ରତିଶ୍ରୁତି ଦେବାପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା । ସପ୍ତାହକ ମଧରେ ଦାବି ପୂରଣ ନ ହେଲେ ଗ୍ରାମବାସୀ ପ୍ରକଳ୍ପ ଫାଟକରେ ତାଲା ମାରିବେ ବୋଲି ଚେତାବନୀ ଦେଇଛନ୍ତି । ବେଦାନ୍ତ ପ୍ରକଳ୍ପରୁ ମାତ୍ର ଅଢ଼େଇ କିଲୋମିଟର ଦୂରରେ କାତିକେଲା ଗ୍ରାମ ରହିଛି । ଏହି ଗ୍ରାମରୁ ମାତ୍ର ୧ ଶହ ମିଟର ଦୂରରେ କମ୍ପାନୀର ପାଉଁଶ ପୋଖରୀ ରହିଛି । ଏଥିରୁ ଅହରହ ପାଉଁଶ ଉଡି ବାୟୁ ଓ ଜଳ ପ୍ରଦୂଷିତ କରୁଛି । ଗ୍ରାମର ନଦୀନାଳ, ପୋଖରୀ, କୂଅଁ ଆଦି ଜଳାଶୟର ପାଣି ଦୂଷିତ ହେବାରେ ଲାଗିଛି । ଏଥିରେ ଲୋକେ ଶ୍ୱାସ, ଚର୍ମ ଆଦି ରୋଗରେ ଆକ୍ରାନ୍ତ ହେଉଛନ୍ତି । ୨୦୧୭ରେ ପାଉଁଶ ପୋଖରୀ ବନ୍ଧ ଭାଙ୍ଗିଯିବା ଫଳରେ ଗ୍ରାମର ୧୦୪ ଏକର ଚାଷ ଜମିରେ ପାଉଁଶ ମାଡିଯାଇ ନଷ୍ଟ ହୋଇ ଯାଇଥିଲା । ଏନେଇ ସେତେବେଳେ ଗ୍ରାମବାସୀଙ୍କ ତରଫରୁ ଜୋରଦାର ଆନ୍ଦୋଳନ ହୋଇଥିଲା । ପାଉଁଶ ପୋଖରୀ ପାର୍ଶ୍ୱରେ ବସବାସ କରିବା ସମ୍ଭବ ନୁହେଁ ଭାବି ସେମାନଙ୍କୁ ବିସ୍ଥାପିତ କରିବା ପାଇଁ ଗ୍ରାମବାସୀ ଦାବି କରିଥିଲେ । କାତିକେଲା ଗ୍ରାମକୁ ବିସ୍ଥାପିତ କରିବା ସପକ୍ଷରେ ପ୍ରଥମେ କମ୍ପାନୀ ରାଜି ନ ଥିଲା । ହେଲେ ଗ୍ରାମବାସୀଙ୍କ ବାରମ୍ବାର ଆନ୍ଦୋଳନ ସାଙ୍ଗକୁ ଜିଲ୍ଲା ପ୍ରଶାସନର ନିଷ୍ପତ୍ତିକ୍ରମେ କମ୍ପାନୀ ଏଥିରେ ସହମତି ପ୍ରକାଶ କରିଛି । ଏନେଇ କମ୍ପାନୀ ତରଫରୁ ସର୍ଭେ କରାଯାଇ ଗ୍ରାମର ସମସ୍ତ କ୍ଷତିଗ୍ରସ୍ତଙ୍କୁ ୨୫ ପ୍ରତିଶତ କ୍ଷତିପୂରଣ ଦିଆଯାଇଛି । ବାକି କ୍ଷତିପୂରଣ ଏଯାବତ୍ ପାଇ ନ ଥିବାରୁ ଲୋକମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏହା ସହିତ ଗ୍ରାମ ନିକଟରେ ଥିବା ଜଗନ୍ନାଥ ମହାପ୍ରଭୁଙ୍କ ୮୧ ଡେସିମିଲ ଜମିକୁ କମ୍ପାନୀ ୨୦୦୯ ରୁ ଜୋର ଜବରଦସ୍ତ ଅକ୍ତିଆର କରି ଏଠାରେ ପାଉଁଶ ଡମ୍ପ କରି ଚାଲିଛି । ଏନେଇ ଗ୍ରାମବାସୀ ବିରୋଧ କରିବା ପରେ ଗ୍ରାମରେ ଥିବା ଜଗନ୍ନାଥ ମନ୍ଦିରର ପୁନରୁଦ୍ଧାର କରିବା ସହ ଜମିର କ୍ଷତିପୂରଣ ଦେବା ପାଇଁ କମ୍ପାନୀ ପ୍ରତିଶ୍ରୁତି ଦେଇଥିଲା । ଫଳରେ ୨୦୧୪ ରେ ମନ୍ଦିର ଭଙ୍ଗାଯାଇ କମ୍ପାନୀ ତରଫରୁ ନିର୍ମାଣ କାମ ଆରମ୍ଭ ହୋଇଥିଲା । ହେଲେ ଅଦ୍ୟାବଧି ତାହା ଅସମ୍ପୂର୍ଣ୍ଣ ହୋଇ ପଡି ରହିଛି । ଏ ନେଇ କମ୍ପାନୀ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କଲେ ମଧ ଖାଲି ପ୍ରତିଶ୍ରୁତି ମିଳୁଛି । ମନ୍ଦିର ଭଙ୍ଗାଯିବା ଫଳରେ ମହାପ୍ରଭୁଙ୍କୁ ଗ୍ରାମରେ ଜରାଜୀର୍ଣ୍ଣ ଅବସ୍ଥାରେ ଥିବା ଏକ କ୍ଲବ ଘରେ ରଖାଯାଇଛି ।

## କେନ୍ଦ୍ର ସରକାର ଉପରେ ଗର୍ଜିଲା ସୁବର୍ଣ୍ଣପୁର ବିଜୁ କୃଷକ ଜନତାଦଳ

ସୁବର୍ଣ୍ଣପୁର: କେନ୍ଦ୍ର ସରକାରଙ୍କର ଓଡିଶା ପ୍ରତି ଥିବା ବୈମାତୃକ ମନୋଭାବର ନିଦର୍ଶନ ସ୍ୱରୂପ କ୍ରମାଗତ ଭାବେ ପ୍ରତିକ୍ଷେତ୍ରରେ କେନ୍ଦ୍ର ଓଡିଶାକୁ ଅବହେଳିତ କରୁଥିବା ଯୋଗୁଁ ବିଶେଷ କରି ବର୍ତ୍ତମାନ ଓଡିଶାର ଚାଷୀକୂଳକୁ ଅତ୍ୟନ୍ତ ଆବଶ୍ୟକ ଥିବା ୟୁରିଆ, ଡିଏପି,ଏମଓପି ସାର ଯୋଗାଣରେ କେନ୍ଦ୍ର ସରକାର କରୁଥିବା ଅବହେଳାକୁ ତୀବ୍ର ବିରୋଧ କରି ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ସୁବର୍ଣ୍ଣପୁର ବିଜୁ କୃଷକ ଜନତା ଦଳ ବିକ୍ଷୋଭ ପ୍ରଦର୍ଶନ କରିଛି । ଜିଲ୍ଲା ବିଜୁ ଜନତାଦଳ ସାଧାରଣ ସଂପାଦକ ମାନଭଞ୍ଜନ ମିଶ୍ରଙ୍କ ସଂଯୋଜନା କ୍ରମେ ଆରମ୍ଭ ହୋଇଥିବା ବିକ୍ଷୋଭ ସମାବେଶରେ ଜିଲ୍ଲା ସଭାପତି ସରୋଜ କମ୍ପ, ଉପସଭାପତି ରମେଶ ପୂଜାରୀ, ଯୁବ ବିଜେଡି ସଭାପତି ଅଶୋକ ନନ୍ଦ, କଇରୁ ସ୍ୱାଇଁ, ଅଭିମନ୍ୟୁକୁଶଳ. ନୀଳାମ୍ବର ଶତପଥୀ. କୁଶଳ, ଜନ୍ମେଜୟ ପାତ୍ର, ଶାସ୍ୱତ ମିଶ୍ର, ରଞ୍ଜିତ ରଥ, ଝସକେତନ ବଘାର, ନାରାୟଣ ଲୁହା ପ୍ରମୁଖ ଯୋଗଦେଇ କେନ୍ଦ୍ର ସରକାରଙ୍କ ଅବହେଳା ପାଇଁ ଆଜି ସମଗ୍ର ଓଡ଼ିଶାର ଚାଷୀ କୂଳ ସାରପାଇଁ କେମିତି ଅସୁବିଧାରେ ପଡିଛନ୍ତି ସେ ସଂପର୍କରେ କେନ୍ଦ୍ର ସରକାର ଉପରେ ଢେର ଗର୍ଜିଥିଲେ । ଏପରି ଅବହେଳାକୁ ଆଉ ବରଦାସ୍ତ ନକରି ଆଗାମୀ ଦିନରେ ମଧ ଦାବି ହାସଲ ପର୍ଯ୍ୟନ୍ତ ଏପରି ବିକ୍ଷୋଭ ପ୍ରଦର୍ଶନ ଜାରିରହିବ ବୋଲି ପ୍ରକାଶ କରିଥିଲେ । ଏହି ବିକ୍ଷୋଭ ସମାବେଶରେ ଜିଲ୍ଲାର ଡୁଙ୍ଗରୀପାଲି, ବିନିକା,ତରଭା, ସୋନପୁର, ଉଲୁଣ୍ଡା ଓ ବୀରମହାରାଜପୁର ବ୍ଲକର ଅନେକ କୃଷକ, ନିର୍ବାଚିତ ପ୍ରତିନିଧି, ବିଜେଡି ନେତା ଯୋଗ ଦେଇ ଏପରି ସ୍ଥଳେ ଓଡିଶାକୁ ପର୍ଯ୍ୟାପ୍ତ ପରିମାଣରେ ସାର ଚାଷୀ ମାନଙ୍କୁ ଯୋଗାଇ ଦେବା ପାଇଁ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେବାକୁ ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କ ମାଧମରେ ରାଷ୍ଟ୍ରପତି ଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଥିଲେ ।

## ଭିଜିଲାନ୍ସ ଜାଲରେ ବିଜେପୁର ବିଡିଓ

ସୋନପୁର : ବରଗଡ଼ ଜିଲ୍ଲା ବିଜେପୁର ବିଡିଓ ପଦ୍ମନାଭ ସାମନ୍ତରାୟ ଏକ ଭଡାକାରରେ ୩ ଲକ୍ଷ ୫୧ ହଜାର ୩ ଶହ ଟଙ୍କା ଧରି ଯାଉଥିବା ବେଳେ ଭିଜିଲାନ୍ସ ହାତରେ ଧରା ପଡିଛନ୍ତି । ପଚରାଉଚରା ପରେ ଭିଜିଲାନ୍ସ ଟିମ୍ ତାଙ୍କୁ ଗିରଫ କରିଛନ୍ତି । ଭିଜିଲାନ୍ସ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ବିଡିଓ ଶ୍ରୀ ସାମନ୍ତରାୟ ଲକ୍ଷାଧିକ ଟଙ୍କା ଧରି ଏକ ଭଡା କାରରେ ଭୁବନେଶ୍ୱର ଯାଉଥିବା ଖବର ମିଳିଥିଲା । ସମ୍ବଲପୁର ଭିଜିଲାନ୍ସ ଏସପିଙ୍କ ନିର୍ଦ୍ଦେଶକ୍ରମେ ସୁବର୍ଣ୍ଣପୁର ଭିଜିଲାନ୍ସ ବିଭାଗ ବିନିକା ମହାନଦୀ ବ୍ରିଜ ଛକ ନିକଟରେ ଉକ୍ତ କାରକୁ ଅଟକାଇଥିଲା । ଯାଞ୍ଚ ସମୟରେ କାରରୁ ୩ ଲକ୍ଷ ୫୧ ହଜାର ୩ ଶହ ଟଙ୍କା ମିଳିଥିଲା । ଏହି ଟଙ୍କା ବାବଦରେ ବିଡିଓ ଶ୍ରୀ ସାମନ୍ତରାୟ କୌଣସି ସନ୍ତୋଷଜନକ ଉତ୍ତର ଦେଇ ପାରି ନ ଥିଲେ । ଫଳରେ ତାଙ୍କୁ ଗିରଫ କରାଯାଇଛି ଏବଂ ବଲାଙ୍ଗୀର ଭିଜିଲାନ୍ସ କୋର୍ଟକୁ ଚାଲାଣ କରାଯାଇଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ଏଥି ସହିତ ଭିଜିଲାନ୍ସ ବିଭାଗ ପକ୍ଷରୁ ବିଡିଓ ଶ୍ରୀ ସାମନ୍ତରାୟଙ୍କ ବିଜେପୁର ସ୍ଥିତ ସରକାରୀ ବାସଭବନ, ଭୁବନେଶ୍ୱର ବାସଭବନ ଏବଂ ନିଜ ଗ୍ରାମ ପୁରୀ ଜିଲ୍ଲା ଗଡ଼ଚାନ୍ଦପୁର ବାସଭବନରେ ଏକକାଳୀନ ଚଢ଼ଉ କରାଯାଇଥିଲା । ବିଜେପୁର ସ୍ଥିତ ଯାଞ୍ଚ ସମୟରେ ତାଙ୍କ ସରକାରୀ ବାସଭବନରୁ ନଗଦ ୪୫ ହଜାର ଟଙ୍କା ମିଳିଥିବା ଜଣାଯାଇଛି । ଏଥିସହ ଭିଜିଲାନ୍ସ ବିଭାଗ ପକ୍ଷରୁ ବିଭିନ୍ନ କାଗଜପତ୍ର ମଧ ଯାଞ୍ଚ କରାଯାଉଥିବା ଜଣାପଡିଛି । ଉଲ୍ଲେଖଯୋଗ୍ୟ, ବିଡିଓ ଶ୍ରୀ ସାମନ୍ତରାୟ ୨୦୧୭ ରେ ବିଜେପୁର ବିଡିଓ ଭାବରେ କାର୍ଯ୍ୟଭାର ଗ୍ରହଣ କରିଥିଲେ । ସେ ବିଭିନ୍ନ ସମୟରେ ବିଜେପୁର ତହସିଲଦାର, ବିଜେପୁର ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ, ଶିଶୁ ମଙ୍ଗଳ ସଂପ୍ରସାରଣ ଅଧିକାରୀ ଭାବରେ କାର୍ଯ୍ୟ ତୁଲାଇଥିବା ଜଣାପଡିଛି ।

## ମେହେର ଏସୋସିଏସନର ଜାତୀୟ କ୍ରୀଡ଼ା ଦିବସ

ସମ୍ବଲପୁର : ଅଗ୍ରଣୀ କ୍ରୀଡ଼ା ଓ ସାଂସ୍କୃତିକ ଅନୁଷ୍ଠାନ ମେହେର ଏସୋସିଏସନ ପକ୍ଷରୁ କରୋନା କଟକଣା ମଧରେ ନିରାଡ଼ମ୍ବର ଭାବରେ ଜାତୀୟ କ୍ରୀଡ଼ା ଦିବସ ପାଳନ କରାଯିବା ସହିତ କ୍ରୀଡ଼ା କିମ୍ବଦନ୍ତୀ ସ୍ୱର୍ଗତ ମେଜର ଧ୍ୟାନଚାନ୍ଦଙ୍କୁ ଭକ୍ତିପୂର୍ଣ୍ଣ ସମ୍ମାନ ପ୍ରଦର୍ଶନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ଶ୍ରୀକୃଷ୍ଣ ପ୍ରସାଦ ପ୍ରଧାନ ଓ ସାଧାରଣ ସମ୍ପାଦକ ବିରଜା ଶଙ୍କର ହୋତା ଉପସ୍ଥିତ ଥିଲେ ।

# ସଂଗ୍ରାମୀଙ୍କ ବଳିଦାନ ଲୋକଲୋଚନକୁ ଅଣାଯିବ

ସମ୍ବଲପୁର: ରାଜ୍ୟ ତଥା ପଶ୍ଚିମ ଓଡ଼ିଶାର ଅନେକ ସ୍ୱାଧୀନତା ସଂଗ୍ରାମୀ ବଳିଦାନ ଦେଇଛନ୍ତି । ସ୍ୱାଧୀନତା ଆନ୍ଦୋଳନରେ ନିଜକୁ ସାମିଲ କରି ଜୀବନ ଉତ୍ସର୍ଗୀକୃତ କରିଛନ୍ତି । ଏଭଳି ବୀରପୁରୁଷ ସ୍ମରଣୀୟ ହୋଇ ରହିବେ । ହେଲେ ଇତିହାସରେ ଲୁକ୍କାୟିତ ହୋଇ ରହିଥିବା ସ୍ୱାଧୀନତା ସଂଗ୍ରାମୀଙ୍କ ବଳିଦାନକୁ ଲୋକ ଲୋଚନକୁ ଅଣାଯିବ । ଏଥିପାଇଁ ଗଣମାଧର ସହଯୋଗର ଆବଶ୍ୟକତା ରହିଛି ବୋଲି ଆଞ୍ଚଳିକ ପତ୍ରସୂଚନା କାର୍ଯ୍ୟାଳୟ ଅତିରିକ୍ତ ମହାନିର୍ଦ୍ଦେଶକ ରାଜିନ୍ଦର ଚୌଧୁରୀ କହିଛନ୍ତି ।

ଏଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ଚୌଧୁରୀ କହିଥିଲେ ଯେ, କେନ୍ଦ୍ର ସରକାର ଗଣମାଧମ ପ୍ରତିନିଧିମାନଙ୍କ ପାଇଁ ଅନେକ ଯୋଜନା କରିଛନ୍ତି । କୋଭିଡ୍ ମୃତକ ପରିବାରକୁ ୫ ଲକ୍ଷ ଟଙ୍କା କ୍ଷତିପୂରଣ ରାଶି ଦେବା ବ୍ୟବସ୍ଥା ରହିଛି । ଏହା ସହ ସାମାଜିକ କଲ୍ୟାଣ ପାଣ୍ଠିର ମଧ ସୁବିଧା ରହିଛି । ପ୍ରଚାର ପ୍ରସାର ଅଭାବରୁ ଅନେକ ଲୋକାଭିମୁଖୀ ଯୋଜନା ବିଷୟରେ ଲୋକେ ଜାଣି ପାରୁନାହାନ୍ତି । ଠିକ୍ ନିୟମ ଓ ଆବେଦନ ପ୍ରଣାଳୀ ସମ୍ପର୍କରେ ନ ଜାଣିବାରୁ ଠକେଇର ଶିକାର ହେଉଛନ୍ତି । ତେଣୁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଯୋଜନା ଉପରେ ଲୋକଙ୍କୁ ଜଣାଇବା ଗଣମାଧମର ମୁଖ୍ୟ ଦାୟିତ୍ୱ ଓ କର୍ତ୍ତବ୍ୟ । ଏହା ହେଲେ ସମାଜ ଦୁର୍ନୀତିମୁକ୍ତ ହୋଇ ପାରିବ । ଏହାଛଡ଼ା ଲୁକ୍କାୟିତ ଇତିହାସକୁ ଆଗାମୀ ପିଢ଼ିଙ୍କ ପାଖରେ ପହଞ୍ଚାଇବାର ଆବଶ୍ୟକତା ରହିଛି । ତେଣୁ କେନ୍ଦ୍ର ସରକାର ଆଜାଦିକି ଅମୃତ ମହୋତ୍ସବ ଯୋଜନା କରିଛନ୍ତି । କୋଭିଡ କଟକଣା ପାଳନ କରି ବିଭିନ୍ନ ସ୍ଥାନରେ ଏହି ମହୋତ୍ସବ ହେଉଛି । ଏହା ଦ୍ୱାରା ବୀର ସଂଗ୍ରାମୀମାନଙ୍କ ସମ୍ପର୍କରେ ପ୍ରଚାର ପ୍ରସାର ହୋଇ ପାରିବ । ଏକବର୍ଷ ପାଇଁ ଏହା ପାଳନ କରାଯିବ । ସାମାଜିକ ଗଣମାଧମ ଏକ ଚିନ୍ତାର ବିଷୟ ପାଲଟିଛି । ଏହା ଉପରେ ରୋକ ଲଗାଇବା କଷ୍ଟକର । ହେଲେ ସରକାରୀ ସ୍ତରରେ କଟକଣା କରାଯିବାକୁ ବ୍ୟବସ୍ଥା କରାଯାଇଛି । ଏଥିପାଇଁ ଏକ ରେଗୁଲେଟୋରି ବୋର୍ଡ ରହିଛି । ଛାପା ଗଣମାଧମରେ ଖବରଗୁଡିକ ପ୍ରକାଶ କରିବା ଉପରେ ତଥ୍ୟ ପ୍ରମାଣକୁ ଆଧାର କରାଯାଇଥାଏ । ହେଲେ କେତୋଟି ଗଣମାଧମରେ ଏହାକୁ ଗୁରୁତ୍ୱ ଦିଆଯାଇ ନ ଥାଏ ବୋଲି ସେ କହିଥିଲେ । ଅନ୍ୟମାନଙ୍କ ମଧରେ ଗଣ ଯୋଗାଯୋଗ ଅଧିକାରୀ ପ୍ରଦୀପ ଚୌଧୁରୀ, ସ୍ୱାଧୀନ ଶକ୍ତି ପ୍ରସାଦ ସମ୍ବଲପୁର କ୍ଷେତ୍ର ଜନସମ୍ପର୍କ ସହକାରୀ ନିର୍ଦ୍ଦେଶକ ରାମେଶ୍ୱର ନାଏକ, ଜିଲ୍ଲା ଲୋକ ସମ୍ପର୍କ ଓ ସୂଚନା ଅଧିକାରିଣୀ ନନ୍ଦିନୀ ମୁଣ୍ଡାରୀ ପ୍ରମୁଖ ଉପସ୍ଥିତ ଥିଲେ ।


## ଗ୍ରାହକମାନଙ୍କ ପାଇଁ ବିଶେଷ ସୂଚନା

ସାପ୍ତାହିକ 'ସ୍ୱୀକାର' ନେବା ପାଇଁ ଆଗ୍ରହୀ ଗ୍ରାହକମାନେ ତାଙ୍କର ଦେୟ କାନାରା ବ୍ୟାଙ୍କ ସମ୍ବଲପୁର ଶାଖାର ଏକାଉଣ୍ଟ ନମ୍ବର ୦୧୮୫୨୦୧୦୨୧୫୩୮, ଆଇଏଫସି କୋଡ- ସିଏନ୍ଆର୍ବି ୦୦୦୦୧୮୫ ରେ ଏନଇଏଫଟି, ଆରଟିଜିଏସ୍ ମାଧମରେ ଜମା କରି ପାରିବେ ।

## Subscription Rate of The Sweekar

| | | |
|---|---|---|
| Life Member | - | Rs.5000.00 |
| Annual | - | Rs. 500.00 |
| Half-yearly | - | Rs. 250.00 |
| Quarterly | - | Rs. 120.00 |

## Advertisement Tariff of The Sweekar

| | | |
|---|---|---|
| Full Page | - | Rs. 2,00,000.00 |
| Half Page | - | Rs. 1,00,000.00 |
| Quarter Page | - | Rs. 50,000.00 |

Colour Advertisement - 100% Extra

# ମାରଓ୍ୱାଡି ସମ୍ମେଳନ ପକ୍ଷରୁ ସାମୂହିକ ଅସ୍ଥି ବିସର୍ଜନ କରାଯିବ



ସମ୍ବଲପୁର : କରୋନା ମହାମାରୀରେ ପ୍ରାଣ ହରାଇଥିବା ଲୋକଙ୍କର ତଥା ପୂର୍ବରୁ ମୃତ୍ୟୁବରଣ କରି ଏ ପର୍ଯ୍ୟନ୍ତ ଅସ୍ଥି ବିସର୍ଜନ ହୋଇ ପାରି ନ ଥିବା ଲୋକଙ୍କର ଅସ୍ଥିକୁ ଉତ୍କଳ ପ୍ରାଦେଶିକ ମାରଓ୍ୱାଡି ସମ୍ମେଳନ ଓ ଓଡ଼ିଶା ପ୍ରାନ୍ତୀୟ ମାରଓ୍ୱାଡି ଯୁବାମଞ୍ଚ ପକ୍ଷରୁ ଏହ୍ଲାବାଦର ତ୍ରିବେଣୀ ସଂଗମ ଠାରେ ଅସ୍ଥି ବିସର୍ଜନ କରାଯିବାକୁ ସ୍ଥିର ହୋଇଛି । ଆସନ୍ତା ୧୩ ତାରିଖ ଦିନ ପ୍ରୟାଗରାଜ ସ୍ଥିତ ତ୍ରିବେଣୀ ସଂଗମ ଠାରେ ଏହି ସବୁ ଅସ୍ଥି ବିସର୍ଜନ କରାଯିବ ବୋଲି ମାରଓ୍ୱାଡି ସମ୍ମେଳନର ରାଜ୍ୟ ସଭାପତି ଦିନେଶ କୁମାର ଅଗ୍ରଓ୍ୱାଲ, ଜୋନାଲ ଉପସଭାପତି ମଙ୍ଗତୁରାମ ଅଗ୍ରଓ୍ୱାଲ, ସମ୍ବଲପୁର ମାରଓ୍ୱାଡି ସମ୍ମେଳନର ସଭାପତି ଚନ୍ଦ୍ର କୁମାର ସରାଫ୍ ଏକ ସାମ୍ବାଦିକ ସମ୍ମିଳନୀରେ ସୁଚନା ଦେଇଛନ୍ତି । ଉଲ୍ଲେଖଯୋଗ୍ୟ ଯେ, ସମଲେଶ୍ୱରୀ ମନ୍ଦିର ନିକଟସ୍ଥ ଗୋଶାଳା ସମଲେଇ ଯୋଜନାରେ ଭଙ୍ଗାଯିବାକୁ ଥିବାରୁ ଏହା ଅନ୍ୟତ୍ର ସ୍ଥାନାନ୍ତରିତ କରାଯାଉଛି । ଏଠାରେ ପ୍ରାୟ ଦେଢ଼ ଶହ ଲୋକଙ୍କର ଅସ୍ଥି ରଖାଯାଇଥିଲା । ତେବେ ଇତି ମଧ୍ୟରେ ଆତ୍ମୀୟ ସ୍ୱଜନମାନେ କେତେକ ଅସ୍ଥି ନେଇ ଯାଇଥିବା ବେଳେ ବାକି ରହିଥିବା ଅସ୍ଥିଗୁଡିକ ବିସର୍ଜନ କରାଯିବ । ସେହିପରି ବଲାଙ୍ଗୀର, ଝାରସୁଗୁଡ଼ା ଓ ଅନ୍ୟ ସ୍ଥାନରୁ ମଧ କେତେକ ଅସ୍ଥି ପ୍ରାୟଗରାଜରେ ବିସର୍ଜନ କରାଯିବ । ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟାନ୍ୟମାନଙ୍କ ମଧ୍ୟରେ ମାରଓ୍ୱାଡି ଯୁବାମଞ୍ଚର ଜୋନାଲ ଉପସଭାପତି ପ୍ରତୀକ ଅଗ୍ରଓ୍ୱାଲ, ଅସ୍ଥି ବିସର୍ଜନର ଯାତ୍ରା ସଂଯୋଜକ ନନ୍ଦ କିଶୋର ଅଗ୍ରଓ୍ୱାଲ, ଉଦ୍ୟୟ ଶ୍ଟାରର ସଭାପତି ସୁରଜ ଅଗ୍ରଓ୍ୱାଲ, ପରାଗ ଅଗ୍ରଓ୍ୱାଲ, ଶ୍ୟାମ ସୁନ୍ଦର ଅଗ୍ରଓ୍ୱାଲ, ଘନଶ୍ୟାମ ଅଗ୍ରଓ୍ୱାଲ, ଗଣେଶ ପାଲିଓ୍ୱାଲ, ପ୍ରିୟଂଶୁ ଅଗ୍ରଓ୍ୱାଲ, ଅରୁଣ ଅଜାଡ଼ିଓ୍ୱାଲ, ଶିବମ୍ ଅଗ୍ରଓ୍ୱାଲ ପ୍ରମୁଖ ଉପସ୍ଥିତ ଥିଲେ ।

## ସଚେତନତା ବାର୍ତ୍ତା ନେଇ ସାଇକ୍ଲୋଥାନ






ସମ୍ବଲପୁର : କ୍ରୀଡ଼ା ଓ ସ୍ୱାସ୍ଥ୍ୟ ଉପରେ ସଚେତନତା ସୃଷ୍ଟି ପାଇଁ କ୍ଷେତରାଜପୁର ମାରଓ୍ୱାଡି ଯୁବା ମଞ୍ଚ ନବଚେତନା, ଉଦୟ ସମ୍ବଲପୁର-୩ ପକ୍ଷରୁ ଜାତୀୟ କ୍ରୀଡ଼ା ଦିବସ ଅବସରରେ ସାଇକ୍ଲୋଥୋନ ଅନୁଷ୍ଠିତ ହୋଇ ଯାଇଛି । ମହାନଦୀ ଦ୍ୱିତୀୟ ସେତୁ ନିକଟସ୍ଥ ଚାଉଁରପୁର ପେଟ୍ରୋଲ ପମ୍ପ ନିକଟରୁ ଆରମ୍ଭ ହୋଇଥିଲା । କୋଭିଡ କଟକଣା ପାଳନ କରି ପ୍ରାୟ ୩ ଶହ ଜଣ ଏଥିରେ ସାମିଲ ହୋଇଥିଲେ । ସିଆରପିଏଫ ଡିଆଇଜି ଲାଲଚାନ୍ଦ ଯାଦବ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ । ରିଂରୋଡ଼, ଜେଲଛକ, ଲକ୍ଷ୍ମୀଟକିଜ ଛକ, ମୁଦିପଡ଼ା ଛକ, ବୁଢ଼ାରଜା ଦେଇ ଅଇଁଠାପାଲିର ଏକ ପେଟ୍ରୋଲ ପମ୍ପ ନିକଟରେ ପହଞ୍ଚିଥିଲେ । ଏହି ଅବସରରେ ଅନୁଷ୍ଠାନର ଅଧକ୍ଷ ମାଧବ ଡାଲମିଆ, ଅଖିଳ ଭାରତୀୟ ମାରଓ୍ୱାଡି ଯୁବମଞ୍ଚର ରାଷ୍ଟ୍ରୀୟ ଅଧକ୍ଷ କପିଲ ଲାଖୋଟିଆ, ଉପାଧକ୍ଷ ଅଶୋକ ଜଲାନ, ପ୍ରାନ୍ତୀୟ ଅଧକ୍ଷ ଗୋବିନ୍ଦ ଅଗ୍ରଓ୍ୱାଲ, ସହ ଅଧକ୍ଷ ପରାଗ ଅଗ୍ରଓ୍ୱାଲ, ମନୋଜ ଅଗ୍ରଓ୍ୱାଲ, ପ୍ରତୀକ ଅଗ୍ରଓ୍ୱାଲ, ନନ୍ଦ କିଶୋର ଅଗ୍ରଓ୍ୱାଲ ପ୍ରମୁଖ ଉପସ୍ଥିତ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ଆଶିଷ ମହାବୀର, ରାକେଶ ବେରିଓ୍ୱାଲ, ସନ୍ତୋଷ ତାୟଲ, ରଶ୍ମି ଅଗ୍ରଓ୍ୱାଲ, ସୁରଜ ଅଗ୍ରଓ୍ୱାଲଙ୍କ ସମେତ ଶତାଧିକ ମାରଓ୍ୱାଡି ଯୁବା ମଞ୍ଚ ଓ ବିଭିନ୍ନ ଅନୁଷ୍ଠାନ ସଦସ୍ୟ ସହଯୋଗ କରିଥିଲେ ।

## ଗାୟତ୍ରୀ ପରିବାର ପକ୍ଷରୁ ଚାରାରୋପଣ





ସମ୍ବଲପୁର: ଯୁବ ଗାୟତ୍ରୀ ପରିବାର ଓ ଗଙ୍ଗାଧର ମେହେର ଉଚ୍ଚତର ମାଧମିକ ବିଦ୍ୟାଳୟର ଏନଏସଏସର ସହଯୋଗରେ ଚନ୍ଦ୍ରଶେଖର ବେହେରା ଜିଲ୍ଲା ସ୍କୁଲରେ ଏକ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ୮୦ଟି ଚାରାରୋପଣ କରାଯାଇଥିଲା । ଗଙ୍ଗାଧର ମେହେର ଉଚ୍ଚ ମାଧମିକ ବିଦ୍ୟାଳୟର ଅଧକ୍ଷ ସୁଶାନ୍ତ କୁମାର ପଣ୍ଡା ମୁଖ୍ୟ ଅତିଥି ଓ ଜିଲ୍ଲା ସ୍କୁଲର ପ୍ରଧାନ ଶିକ୍ଷକ ସୋରେନ କୁମାର ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ମାନଭଞ୍ଜନ ପାଣିଗ୍ରାହୀ, ସଞ୍ଜୟ ପ୍ରସାଦ ପଟ୍ଟନାୟକ, ପ୍ରତାପ ତ୍ରିପାଠୀ ଅତିଥି ଭାବେ ଯୋଗ ଦେଇଥିଲେ । ଏଥିରେ ଜିଲ୍ଲା ଗାୟତ୍ରୀ ପରିବାରର ସଦସ୍ୟ ଦୀନଦୟାଲ ଅଗ୍ରଓ୍ୱାଲ, ତୁଷାର ପଟ୍ଟନାୟକ, ରାଜନ ପଟେଲ, କାର୍ତ୍ତିକେଶ୍ୱର ବଡ଼ପଣ୍ଡା, ମଦନ ମୋହନ ପାତ୍ର, ବାନାମ୍ବର ସର, ଦିଲୀପ ସାନବଡ଼, ଚିତ୍ରସେନ ପରିଜା, କମଳ ପଣ୍ଡା, ନଳିନୀ ନାଥ, ବନ୍ଧୁରାମ ପ୍ରଧାନ, ବଦନ ମାଝୀ, ଶମ୍ଭୁ ଶର୍ମା, ପ୍ରଜ୍ଞାନନ୍ଦ ହରିପାଲ, ପ୍ରେମକାନ୍ତ ଝା, ଦିବ୍ୟ ମେଣ୍ଡୁଲି, ଦେବସ୍ୱରୂପ ପାଢ଼ୀ, ମଧୁସୂଦନ ଛତର, ସୁଷମା ବାରିକ, ଭୂମିସୂତା ପ୍ରଧାନ, ତିଲୋତ୍ତମା ବାରିକ, ରାଜେନ୍ଦ୍ର କୁମାର ବିଶ୍ୱାଳ ଓ ଏନଏନଏସ ସ୍ୱେଚ୍ଛାସେବୀ ମାନେ ଉପସ୍ଥିତ ଥିଲେ ।

## ବୁରୋମାଲ ଟୀକାକେନ୍ଦ୍ର ଉଦ୍‌ଘାଟନ କଲେ ସ୍ୱାସ୍ଥ୍ୟମନ୍ତ୍ରୀ




ଝାରସୁଗୁଡ଼ା : ବୁରୋମାଲ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ସ୍ୱାସ୍ଥ୍ୟ ବିଭାଗ ଓ ସ୍ଥାନୀୟ ଭୋଇ ମେମୋରିଆଲ କ୍ଲବ ଏବଂ ମହିଳା ଆରୋଗ୍ୟ ସମିତି ଆନୁକୂଲ୍ୟରେ କରୋନା ଟିକା କେନ୍ଦ୍ରକୁ ସ୍ୱାସ୍ଥ୍ୟ ମନ୍ତ୍ରୀ ନବ କିଶୋର ଦାସ ଉଦଘାଟନ କରିଥିଲେ । ଜିଲ୍ଲା ଓକିଲ ସଂଘ ସଭାପତି ତ୍ରିନାଥ ଗୁଆଲ, ଜିଲ୍ଲା ଓକିଲ ସଂଘ ସମ୍ପାଦକ ତୁଳସୀ ପ୍ରସାଦ ଦାଶ, ଜିଲ୍ଲା ବିଜେଡି ଏସ୍‌ସି ସେଲ ସଭାପତି ଜୟ ପ୍ରକାଶ କୁଅଁର, ସୁବାସ ସେଟ, ପିଣ୍ଟୁ ପାଢ଼ୀ, ବାବୁନ ସରକାର, ଗୋବିନ୍ଦ ସିଂଘାନିଆ, ଗଜାନନ ତିଓ୍ୱାରୀ, ଶଶିଭୂଷଣ ତିଓ୍ୱାରୀ, ପ୍ରେମାନନ୍ଦ ଭୂୟାଁ, ମନୋଜ ଦୋରା ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ ।

## ଜିଏମୟୁର ବାଣିଜ୍ୟ ବିଭାଗର ଟପ୍ପର ହେଲେ ଆୟୁଷ

ସମ୍ବଲପୁର : ନିକଟରେ ପ୍ରକାଶିତ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଯୁକ୍ତ ୩ ପରୀକ୍ଷା ଫଳରେ ବାଣିଜ୍ୟ ବିଭାଗରେ ଆୟୁଷ ସାହୁ ୮.୮୭ ସିଜିପିଏ ରଖି ଟପ୍ପର ହୋଇଛନ୍ତି । ଶ୍ରୀ



ସାହୁ ଝାରସୁଗୁଡ଼ା ଜିଲ୍ଲା ତାଳପଟିଆ ଗ୍ରାମର ମନୋଜ ସାହୁଙ୍କ ପୁତ୍ର ଅଟନ୍ତି ।

## ମହିଳା କଲେଜରେ ମେହେର ଜୟନ୍ତୀ




ସମ୍ବଲପୁର: ସ୍ଥାନୀୟ ସରକାରୀ ମହିଳା କଲେଜର ସାହିତ୍ୟ ସଂସଦ ଆନୁକୂଲ୍ୟରେ ଗଙ୍ଗାଧର ମେହେରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ଅଧକ୍ଷ ପ୍ରଫେସର ପ୍ରଫୁଲ୍ଲ ଚନ୍ଦ୍ର ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ନେତାଜୀ ସୁଭାଷ ବୋଷ କଲେଜର ଅଧକ୍ଷ ଡକ୍ଟର ଶ୍ୟାମ ଭୋଇ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଗଙ୍ଗାଧରୀୟ ସାହିତ୍ୟର ବହୁମୁଖୀ ଦିଗ ଉପରେ ଆଲୋଚନା କରି ଗଙ୍ଗାଧର ଏକ ବିଚାର ଥିଲେ ବୋଲି ମତବ୍ୟକ୍ତ କରିଥିଲେ । ସେହିପରି ଆଲୋଚକ ପ୍ରଫେସର ଡକ୍ଟର ଜୟନ୍ତ କୁମାର କରଶର୍ମା ଗଙ୍ଗାଧରଙ୍କୁ ମାନବବାଦର ଉତ୍କୃଷ୍ଟ ଶିକ୍ଷକ ଭାବେ ଅଭିହିତ କରିଥିଲେ । ସାହିତ୍ୟ ସଂସଦର ଉପସଭାପତି ଅଖିଳ ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ କରିଥିଲେ । ଡକ୍ଟର ନୌବିହାରୀ ପ୍ରଧାନ ସଭା ସଂଯୋଜନା କରିଥିଲେ । ଏଥିରେ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ଡକ୍ଟର ଉମାଶଙ୍କର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ ।

## ସାର ଅଭାବକୁ ନେଇ ବିଜେଡିର ଝାରସୁଗୁଡ଼ାରେ ଧାରଣା



ଝାରସୁଗୁଡ଼ା: କେନ୍ଦ୍ରସରକାରଙ୍କ ଅବହେଳା ଯୋଗୁଁ ଚଳିତ ଖରିଫରେ ରାଜ୍ୟରେ ସାରର ଘୋର ଅଭାବ ଦେଖାଦେଇ ଚାଷୀଙ୍କୁ ହନ୍ତସନ୍ତ ହେବାକୁ ପଡୁଛି । ବିଜେଡ଼ି ପକ୍ଷରୁ ଏଭଳି ଅଭିଯୋଗ କରାଯାଇ କେନ୍ଦ୍ର ସରକାରଙ୍କ ତୀବ୍ର ସମାଲୋଚନା କରାଯିବା ସହ ଉଚିତ ସମୟରେ ସାର ଯୋଗାଣ ଦାବିରେ ଝାରସୁଗୁଡା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିଜେଡି ପକ୍ଷରୁ ଧାରଣା ଦିଆଯାଇଥିଲା । ଏହାସହ ଜିଲ୍ଲାପାଳଙ୍କ ଜରିଆରେ ରାଷ୍ଟ୍ରପତିଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା । ଏ ଅବସରରେ ଆୟୋଜିତ ପ୍ରତିବାଦ ସଭାରେ ଜିଲ୍ଲା ବିଜେଡି ସଭାପତି ତଥା ବ୍ରଜରାଜନଗର ବିଧାୟକ କିଶୋର ମହାନ୍ତି, ବିଜୁ କୃଷକ ଜନତା ଦଳର ଜିଲ୍ଲା ମୁଖ୍ୟ ମିତ୍ରଭାନୁ ସାହୁ ପ୍ରମୁଖ କେନ୍ଦ୍ର ସରକାରଙ୍କ ଚାଷୀ ବିରୋଧୀ ନୀତିର ତୀବ୍ର ସମାଲୋଚନା କରିଥିଲେ ।

Printed, Published and Owned by Hemanta Kumar Mahapatra, Printed at Impressions Press, Sambalpur, Office Phone: 0663-2400945
e-mail: hemantamahapatra@yahoo.com Editor : Hemanta Kumar Mahapatra